ସାପ୍ତାହିକ
ସ୍ୱୀକାର
Postal Regd. No.: SBP/RN-01/2022-2024
The Sweekar स्वीकार
www.sweekarweekly.com
ପ୍ରତିଷ୍ଠାତା ସମ୍ପାଦକ : ସ୍ୱ ଶରତ ନାରାୟଣ ବେହେରା
RNI No. 66443/94

Vol.27 | Issue - 17 | 23 - 29 April 2023 | Sambalpur | Page- 8 | Invitation Price Rs.10




सत्यमेव जयते

**ପବିତ୍ର ଇଦ୍-ଉଲ୍-ଫିତର-୨୦୨୩ ଅବସରରେ ମାନ୍ୟବର ରାଜ୍ୟପାଳଙ୍କ ବାର୍ତ୍ତା**

ପବିତ୍ର ଇଦ୍-ଉଲ୍-ଫିତର ଅବସରରେ ମୁଁ ଆମ ରାଜ୍ୟର ସମସ୍ତ ମୁସଲମାନ ଭାଇଭଉଣୀମାନଙ୍କୁ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଉଛି । ଶାନ୍ତି-ମୈତ୍ରୀ-ହର୍ଷୋଲ୍ଲାସର ଏହି ପର୍ବରେ ସମସ୍ତେ ସାମିଲ ହେବା ସହ ମୁସଲମାନ ଭାଇଭଉଣୀମାନଙ୍କ ସର୍ବାଙ୍ଗୀନ ବିକାଶ ନିମନ୍ତେ କାର୍ଯ୍ୟ କରିବାକୁ ମୁଁ ଆହ୍ୱାନ ଜଣାଉଛି ।

(ଗଣେଶୀ ଲାଲ)
ମାନ୍ୟବର ରାଜ୍ୟପାଳ, ଓଡ଼ିଶା



ଓଡ଼ିଶା ସରକାର



**ବାର୍ତ୍ତା**

ପବିତ୍ର ଇଦ୍-ଉଲ୍-ଫିତର ପର୍ବ ଅବସରରେ ରାଜ୍ୟର ସମସ୍ତ ମୁସଲମାନ ଭାଇଭଉଣୀମାନଙ୍କୁ ମୋର ହାର୍ଦ୍ଦିକ ଶୁଭେଚ୍ଛା ଓ ଅଭିନନ୍ଦନ ଜ୍ଞାପନ କରିବା ସହ ସେମାନଙ୍କ ସୁଖ ଓ ସମୃଦ୍ଧି କାମନା କରୁଛି ।

(ପ୍ରଦିପ କୁମାର ଅମାତ)
ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ,
ପଞ୍ଚାୟତିରାଜ ଓ ପାନୀୟଜଳ ଏବଂ
ସୂଚନା ଓ ଲୋକସମ୍ପର୍କ ମନ୍ତ୍ରୀ, ଓଡ଼ିଶା



ଓଡ଼ିଶା ସରକାର

**ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କ ଶୁଭେଚ୍ଛା**



ପବିତ୍ର ଇଦ୍-ଉଲ୍-ଫିତର ପର୍ବ ଉପଲକ୍ଷେ ମୁସଲମାନ ଭାଇଭଉଣୀମାନଙ୍କୁ ମୋର ଆନ୍ତରିକ ଶୁଭେଚ୍ଛା ଜଣାଉଛି ଏବଂ ସମସ୍ତଙ୍କର ସୁଖ ଓ ସମୃଦ୍ଧି କାମନା କରୁଛି ।

ମୁଖ୍ୟମନ୍ତ୍ରୀ, ଓଡ଼ିଶା


## ଝାରସୁଗୁଡ଼ା ଉପ ନିର୍ବାଚନ ପାଇଁ ୧୦ଜଣଙ୍କ ପ୍ରାର୍ଥୀପତ୍ର କାଏମ





ଝାରସୁଗୁଡ଼ା : ଆସନ୍ତା ମାସ ୧୦ ତାରିଖ ଦିନ ହେବାକୁ ଥିବା ଝାରସୁଗୁଡ଼ା ବିଧାନସଭା ମଣ୍ଡଳୀ ପାଇଁ ଉପନିର୍ବାଚନ ରେ ପ୍ରତିଦ୍ୱନ୍ଦିତା କରିବା ପାଇଁ ପ୍ରାର୍ଥୀପତ୍ର ଦାଖଲ କରିଥିବା ୧୪ ଜଣ ପ୍ରାର୍ଥୀଙ୍କ ମଧ୍ୟରୁ ୪ ଜଣଙ୍କର ନାମାଙ୍କନ ପତ୍ର ରଦ୍ଦ ହୋଇଯିବାରୁ ୧୦ ଜଣଙ୍କର ପ୍ରାର୍ଥୀପତ୍ର କାଏମ ରହିଛି । ବୈଧ ରହିଥିବା ନାମାଙ୍କନ ମଧ୍ୟରେ ଟଙ୍କଧର ତ୍ରିପାଠୀ (ବିଜେପି), ତରୁଣ ପାଣ୍ଡେ (କଂଗ୍ରେସ), ଦୀପାଳି ଦାସ (ବିଜେଡ଼ି), ଜନ୍ମ ରୋହିଦାସ (ଓଡ଼ିଶା ପ୍ରଗତି ଦଳ), ମନୀଷ ଶର୍ମା (ଓଡ଼ିଶା ଜନତା ପାର୍ଟି), ମହେନ୍ଦ୍ର ପଟ୍ଟନାୟକ (କଳିଙ୍ଗ ସେନା), ବିଜୟ କୁମାର ଜଲାନ (ହିନ୍ଦୁସ୍ତାନ ନିର୍ମାଣ ଦଳ), ଜ୍ଞାନେନ୍ଦ୍ର ବେହେରା (ସ୍ୱାଧୀନ), ଭୁବନେଶ୍ୱର ଗର୍ଡିଆ (ସ୍ୱାଧୀନ) ଏବଂ ମହେନ୍ଦ୍ର ଲୁହା (ସ୍ୱାଧୀନ) । ଯେଉଁ ଚାରି ଜଣ ପ୍ରାର୍ଥୀଙ୍କ ନାମାଙ୍କନ ଯାଞ୍ଚ ପରେ ରଦ୍ଦ ହୋଇଥିଲା ସେମାନେ ହେଲେ ତୁଳାରାମ ଗୁରୁ (ନବ ଭାରତ ନିର୍ମାଣ ସେବା ପାର୍ଟି), ସନ୍ତୋଷ ମହାପାତ୍ର (ସ୍ୱାଧୀନ), ଶ୍ରୀଦମ ଶର୍ମା (ସ୍ୱାଧୀନ) ଏବଂ ରୀନା ମିଶ୍ର (ଦେଶ ଦଳ) । ଆସନ୍ତା ୨୪ ତାରିଖ ନାମାଙ୍କନ ପ୍ରତ୍ୟାହାର ଶେଷ ତାରିଖ ଥିବାରୁ ଏହାପରେ ନିର୍ବାଚନର ସ୍ପଷ୍ଟ ରୂପରେଖ ଜଣାପଡିବ । ତେବେ ବର୍ତ୍ତମାନ ସ୍ଥିତି ଯାହା ଅଛି ସେଥିରୁ ଏହି ନିର୍ବାଚନ ମଣ୍ଡଳୀରେ ମୁଖ୍ୟତଃ ବିଜେଡି, ବିଜେପି ଓ କଂଗ୍ରେସ ପ୍ରାର୍ଥୀଙ୍କ ମଧ୍ୟରେ ତ୍ରିମୁଖୀ ପ୍ରତିଦ୍ୱନ୍ଦିତା ହେବାର ସମ୍ଭାବନା ରହିଛି । ବର୍ତ୍ତମାନ ବିଭିନ୍ନ ଦଳ ପରସ୍ପରର ବିରୋଧୀମାନଙ୍କୁ ନିଜ ପକ୍ଷକୁ ଆଣୁଥିବା ଦେଖା ଯାଉଛି । ଝାରସୁଗୁଡ଼ାରେ ତାପମାତ୍ରା ବୃଦ୍ଧି ସହିତ ନିର୍ବାଚନ ବାତାବରଣ ମଧ କ୍ରମେ ସରଗରମ ହୋଇ ଉଠୁଛି ।

୭ ପୃଷ୍ଠାରେ...


ଆମ୍ବ ପାଣିରେ ପକାଇ ଖାଆନ୍ତୁ


ଆଖୁ ରସ କେତେ ଉପକାରୀ ?


ଔଷଧୀୟ ବେଲ


କର୍କଟ ଦୂରକରେ କଦଳୀ ଚୋପା


ସୁସ୍ଥ ଶରୀର ପାଇଁ ମହୁ


ପଇଡ଼ ପାଣିର ଉପକାରିତା

# କୋଭିଡ ୧୯ ର ମୁକାବିଲା ପାଇଁ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଡକ୍ଟର ପି.କେ ମିଶ୍ରଙ୍କ ସମୀକ୍ଷା

ନୂଆଦିଲ୍ଲୀ : ନିକଟରେ ସମଗ୍ର ଭାରତରେ କୋଭିଡ-୧୯ ସଂକ୍ରମଣ ବୃଦ୍ଧିକୁ ଦୃଷ୍ଟିରେ ରଖି ଦେଶରେ କୋଭିଡ-୧୯ ସ୍ଥିତିର ଆକଳନ ଲାଗି ଏକ ଉଚ୍ଚସ୍ତରୀୟ ବୈଠକରେ ପ୍ରଧାନମନ୍ତ୍ରୀଙ୍କ ପ୍ରମୁଖ ସଚିବ ଡକ୍ଟର ପ୍ରମୋଦ କୁମାର ମିଶ୍ର ସମୀକ୍ଷା କରିଛନ୍ତି । କୋଭିଡ-୧୯କୁ ପ୍ରତିହତ ଲାଗି ସ୍ୱାସ୍ଥ୍ୟ ଭିତ୍ତିଭୂମି ଯଥା ଲଜିଷ୍ଟିକ୍ସ, ଔଷଧ, ଟିକାକରଣ ଅଭିଯାନର ସ୍ଥିତି ଏବଂ ପ୍ରସ୍ତୁତିର ସମୀକ୍ଷା ସହିତ ଆବଶ୍ୟକ ପଦକ୍ଷେପ ଗ୍ରହଣ ଉପରେ ସେ ଗୁରୁତ୍ୱ ଦେଇଛନ୍ତି ।

ଡକ୍ଟର ମିଶ୍ର ସ୍ଥାନୀୟ ଅଞ୍ଚଳରେ ବଢୁଥିବା ମାମଲାର ପରିଚାଳନା ପାଇଁ ସବ୍‌ଡିଭିଜନ ସ୍ତରରେ ପର୍ଯ୍ୟାପ୍ତ ସ୍ୱାସ୍ଥ୍ୟ ଭିତ୍ତିଭୂମି ଉପଲବ୍ଧ ହେବା ଜରୁରୀ ଅଟେ ଏବଂ ରାଜ୍ୟମାନଙ୍କ ସହିତ ପରାମର୍ଶରେ ଏହା ନିଶ୍ଚିତ ହୋଇପାରିବ ବୋଲି କହିଥିଲେ । ସେ ଆହୁରି ମଧ ପରାମର୍ଶ ଦେଇଛନ୍ତି ଯେ ବଢୁଥିବା ସ୍ଥିତିକୁ ଆଧାର କରି ରାଜ୍ୟଗୁଡିକୁ ମାର୍ଗଦର୍ଶନ କରିବା ପାଇଁ ଉପଦେଶ ଗୁଡିକ ମୂଲ୍ୟାଙ୍କନ କରାଯିବା ଉଚିତ ଏବଂ ସେହି ଅନୁଯାୟୀ ଅପଡେଟ୍ କରାଯିବା ଉଚିତ୍ ।

ସେ କହିଛନ୍ତି ଯେ, ଟେଷ୍ଟ-ଟ୍ରାକ-ଟ୍ରିଟ-ଟୀକାକରଣ ଏବଂ କୋଭିଡ ଉପଯୁକ୍ତ ଆଚରଣ ପାଳନ ପାଇଁ ସମୟ ପରୀକ୍ଷିତ ପଞ୍ଚସୂତ୍ରୀ ରଣନୀତି ଲାଗୁ କରାଯିବା ଆବଶ୍ୟକ ଏବଂ କୋଭିଡ ଉପଯୁକ୍ତ ଆଚରଣର ସମ୍ବନ୍ଧରେ ଗୋଷ୍ଠୀ ମଧରେ ସଚେତନତା ସୃଷ୍ଟି କରିବା ଏବଂ ନାଗରିକମାନଙ୍କୁ ଆତ୍ମସନ୍ତୋଷରୁ ସତର୍କ କରାଇବା ଆବଶ୍ୟକ । କୋଭିଡ -୧୯ ପରିସ୍ଥିତି ଉପରେ କଡା ସଜାଗ ରହିବାକୁ ଏବଂ କୋଭିଡ-୧୯ ବ୍ୟାପିବାକୁ ରୋକିବା ପାଇଁ ଆବଶ୍ୟକ ପଦକ୍ଷେପ ନେବାକୁ ସେ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ ।

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ସଚିବ ଶ୍ରୀ ରାଜେଶ ଭୂଷଣଙ୍କ ଦ୍ୱାରା ବିଶ୍ୱର କୋଭିଡ-୧୯ ପରିସ୍ଥିତି ଉପରେ ଏକ ବିସ୍ତୃତ ଉପସ୍ଥାପନା କରାଯାଇଥିଲା । ସେ ଦର୍ଶାଇଥିଲେ ଯେ ଭାରତରେ କୋଭିଡ -୧୯ ମାମଲା ଦ୍ରୁତ ଗତିରେ ବୃଦ୍ଧି ପାଇଛି ଏବଂ ୮ ଟି ରାଜ୍ୟ (କେରଳ, ଦିଲ୍ଲୀ, ମହାରାଷ୍ଟ୍ର, ହରିଆନା, ଉତ୍ତରପ୍ରଦେଶ, ତାମିଲନାଡୁ, କର୍ଣ୍ଣାଟକ, ଏବଂ ରାଜସ୍ଥାନ) ରେ ଅଧିକାଂଶ ମାମଲା ଦେଖାଦେଇଛି । ଆହୁରି ମଧ ଦେଶରେ ଚାଲିଥିବା ପରୀକ୍ଷଣର ସ୍ଥିତି ସହିତ ପଜିଟିଭ ସଂଖ୍ୟା ବୃଦ୍ଧି ଉପରେ ଆଲୋକପାତ କରାଯାଇଥିଲା । ଏହି ୮ଟି ରାଜ୍ୟ ମଧରେ ସକ୍ରିୟ ମାମଲାଗୁଡ଼ିକର ବିସ୍ତୃତ ବିଶ୍ଳେଷଣ ଉପସ୍ଥାପିତ ହୋଇଥିଲା ଏବଂ ହାରାହାରି ୯୨% ଆକ୍ରାନ୍ତ ଘରେ ରହି ଚିକିତ୍ସିତ ହେଉଥିବା ଦର୍ଶାଯାଇଥିଲା ।

ବୈଠକରୁ ଜଣାପଡିଛି ଯେ, ଗତ ଜାନୁୟାରୀ ମାସରୁ ବିଭିନ୍ନ ପ୍ରକାରର ଜେନୋମ୍ ସିକ୍ୱେଲିଂର ଭାରିଏଣ୍ଟ ଦେଖା ଦେଇଛି । କୋଭିଡ-୧୯ ଟୀକାକରଣ କାର୍ଯ୍ୟକ୍ରମର ବ୍ୟୟ ଏବଂ ଔଷଧ ଏବଂ ଟିକା ଲାଗି ଆବଶ୍ୟକ କଞ୍ଚାମାଲ ପାଇଁ ବଜେଟ୍ ବ୍ୟବସ୍ଥାର ମଧ ସମୀକ୍ଷା କରାଯାଇଥିଲା ।

ସ୍ୱାସ୍ଥ୍ୟ ସଚିବ ଏହା ମଧ ସୂଚନା ଦେଇଥିଲେ ଯେ କେନ୍ଦ୍ର ସ୍ୱାସ୍ଥ୍ୟ ମନ୍ତ୍ରଣାଳୟର କୌଣସି ପୂର୍ବ ଅନୁମୋଦନ ବିନା ଉତ୍ପାଦନକାରୀଙ୍କଠାରୁ ଆବଶ୍ୟକ କୋଭିଡ ଟିକା କ୍ରୟ ପାଇଁ ପଦକ୍ଷେପ ନେଇପାରନ୍ତି । ରାଜ୍ୟଗୁଡିକରେ ଅବସ୍ଥିତ ଘରୋଇ ହସ୍ପିଟାଲଗୁଡିକ ମଧ ନିର୍ମାତାଙ୍କଠାରୁ ଏହିପରି ଟିକା କ୍ରୟ କରିପାରିବେ । ଥରେ କିଣାଯାଇଥିବା ଏହି ଟିକାଗୁଡ଼ିକ ବିଦ୍ୟମାନ କୋଭିଡ ଟୀକାକରଣ ନିର୍ଦ୍ଦେଶାବଳୀ ଅନୁଯାୟୀ ଦିଆଯାଇ ପାରେ ।

ଏହି ବୈଠକରେ କ୍ୟାବିନେଟ୍ ସଚିବ ଶ୍ରୀ ରାଜୀବ ଗୌବା, ନୀତି ଆୟୋଗର ସଦସ୍ୟ ଡକ୍ଟର ବିନୋଦ ପଲ, ଅର୍ଥ ସଚିବ ଶ୍ରୀ ଟି.ଭି.ସୋମନାଥନ, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ସଚିବ ଶ୍ରୀ ରାଜେଶ ଭୂଷଣ, ଫାର୍ମାସ୍ୟୁଟିକାଲ ସଚିବ ଶ୍ରୀମତୀ ଏସ. ଅପର୍ଣ୍ଣା, ବେସାମରିକ ବିମାନ ଚଳାଚଳ ସଚିବ ଶ୍ରୀ ରାଜୀବ ବଂଶଲ, ଆୟୁଷ ସଚିବ ଶ୍ରୀ ରାଜେଶ କୋଟେଚା, ଡିଏଚଆର ସଚିବ ଏବଂ ଆଇସିଏମଆର ମହାନିର୍ଦ୍ଦେଶକ ଶ୍ରୀ ରାଜୀବ ଭାଲ, ବାୟୋଟେକ୍ନୋଲୋଜି ସଚିବ ଶ୍ରୀ ରାଜେଶ ଏସ ଗୋଖଲେ ଏବଂ ସୂଚନା ଏବଂ ପ୍ରସାରଣ ସଚିବ ଶ୍ରୀ ଅପୂର୍ବ ଚନ୍ଦ୍ରା ପ୍ରମୁଖ ଯୋଗ ଦେଇଥିଲେ ।

## ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା ହେଉ

ସୋନପୁର : ଦୀର୍ଘକାୟ ତେଲ ନଦୀ ସେତୁରେ ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା ନିତାନ୍ତ ଆବଶ୍ୟକ । ସେତୁରେ ଅନେକ ଖାଲଖମା ହୋଇଛି । ଯାହାକି ଦୁର୍ଘଟଣା ଘଟିବା ସମ୍ଭାବନାକୁ ଏଡାଇ ଦିଆଯାଇ ନ ପାରେ । ପ୍ରତିଦିନ ହଜାର ହଜାର ଯାନବାହନ ଓ ପଥଚାରୀ ଯିବା ଆସିବା କରନ୍ତି । ଦିନ ବେଳେ କିଛି ଅସୁବିଧା ନ ହେଲେ ବି ରାତି ହେଲେ ସଂପୂର୍ଣ୍ଣ ଅନ୍ଧାର ହୋଇ ଯାଏ । ମନମୁଣ୍ଡା ଗାନ୍ଧୀ ଚୌକ ଓ ସୋନପୁର ପଟ ପ୍ରବେଶ ପଥ ବିରାଟ ଖାଲଖମାମାନ ସୃଷ୍ଟି ହୋଇଛି । ଏ ଦିଗରେ ଜିଲ୍ଲା ପ୍ରଶାସନ ଦୃଷ୍ଟି ଦେଇ ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା କରିବାକୁ ଦାବି ହେଉଛି ।

## ସମସ୍ୟା ବଳୟରେ ରାକ୍ଷସଖୁଟି

ସୋନପୁର : ସଂପ୍ରତି ବୌଦ୍ଧ ଜିଲ୍ଲା କଣ୍ଟାମାଳ ବ୍ଲକ ଅନ୍ତର୍ଗତ ରାକ୍ଷସ ଖୁଟି ଗ୍ରାମ । ଏହି ଗ୍ରାମରେ ପ୍ରାୟ ୫୦ ଘର ଥିବାବେଳେ ସମସ୍ତେ ଚାଷବାସ ଉପରେ ନିର୍ଭରଶୀଳ । ଗ୍ରାମରେ ଗୋଟିଏ ନଳକୂପ ରହିଛି । ପ୍ରାଥମିକ ସ୍କୁଲ ପଞ୍ଚମ ଶ୍ରେଣୀ ଯାଏ ରହିଛି । ବାଳିକାମାନେ ପଞ୍ଚମ ଶ୍ରେଣୀ ପରେ ଉଚ୍ଚଶିକ୍ଷା ପାଇଁ ଯିବାକୁ ହେଲେ ଅତି କମ୍‌ରେ ପ୍ରାୟ ୧୦ କିଲୋମିଟର ଯିବାକୁ ପଡିବ । ତେଣୁ ବୌଦ୍ଧ ପ୍ରଶାସନ ଏ ଦିଗରେ ଦୃଷ୍ଟି ଦେବାକୁ ଦାବି ହେଉଛି ।

## ମଟର ସାଇକଲ ଚୋରି

ବିନିକା : ଅଧାପକ ହରିଶ୍ଚନ୍ଦ୍ର ହୋତାଙ୍କର ଗତ ୧୭ ତାରିଖ ଦିନ ଚୋରି ହୋଇଥିବା ଜଣାପଡିଛି । ଏ ସଂପର୍କରେ ସେ ବିନିକା ଥାନାରେ ଏକ ଏତଲା ଦାୟର କରିଛନ୍ତି । ଉକ୍ତ ଗାଡିଟିର ରେଜିଷ୍ଟ୍ରେସନ ହୋଇ ନ ଥିବା ଜଣାପଡିଛି ।

## ଝାରସୁଗୁଡ଼ା ଉପନିର୍ବାଚନ ଚିତ୍ର ଅସ୍ପଷ୍ଟ

ଝାରସୁଗୁଡ଼ା : ବରଗଡ଼ ସଂସଦୀୟ କ୍ଷେତ୍ର କ୍ରମାଗତ ଦୁଇଟି ଉପନିର୍ବାଚନ ଦେଖିବା ପରେ ଏବେ ତୃତୀୟ ଉପନିର୍ବାଚନର ସାମ୍ନା କରିବାକୁ ଯାଉଛି । ବରଗଡ଼ ସଂସଦୀୟ କ୍ଷେତ୍ର ଅଧୀନରେ ଆସୁଥିବା ଝାରସୁଗୁଡ଼ା ବ୍ରଜରାଜନଗର ଓ ବରଗଡ଼ ଜିଲାର ପଦ୍ମପୁର ଉପନିର୍ବାଚନ ପରେ ଆଉ ଦିନ କେଇଟା ପରେ ଝାରସୁଗୁଡ଼ା ଉପନିର୍ବାଚନ । ପ୍ରଚାର ଘମାଘୋଟ ଚାଲିଛି । ଖରାର ତାତିକୁ ବଳି ପଡୁଛି ପ୍ରଚାର ତାତି । ବ୍ରଜରାଜନଗର ଓ ପଦ୍ମପୁର ପରେ ଝାରସୁଗୁଡ଼ା ମୈଦାନରେ ତିନି ପ୍ରମୁଖ ରାଜନୈତିକ ଦଳ ପୁଣି ଥରେ ମୁହାଁମୁହିଁ ହୋଇଛନ୍ତି । ବାଜି ମାରିବା ପାଇଁ ସାଧମତେ କଳ ବଳ କୌଶଳ ପ୍ରୟୋଗ କରୁଛନ୍ତି । ତିନି ଦଳ ବିଜୟ ଦାବି କରୁଥିଲେ ମଧ ଚିତ୍ର ଅସ୍ପଷ୍ଟ ଜଣାପଡୁଛି । ନିର୍ବାଚନ ରାଜନୀତିରେ ଭୋଟର ସର୍ବେସର୍ବା ହୋଇଥିବାରୁ ଶେଷ ମୁହୂର୍ତ୍ତରେ ଚିତ୍ର ଓଲଟିଯିବା ବିଚିତ୍ର ନୁହେଁ ।

ବରଗଡ଼ ସଂସଦୀୟ କ୍ଷେତ୍ରରେ ବିଜେପି ପ୍ରାର୍ଥୀ ସୁରେଶ ପୂଜାରୀ ସାଂସଦ ଥିବା ବେଳେ ଏହା ଅଧୀନରେ ଥିବା ବରଗଡ଼ ଜିଲାର ୫ ଓ ଝାରସୁଗୁଡ଼ା ଜିଲାର ୨ ବିଧାନସଭା ନିର୍ବାଚନ ମଣ୍ଡଳୀରେ ବିଜେଡି ବିଧାୟକ ଅଛନ୍ତି । ୭ଟି ଯାକ ବିଧାନସଭା ଆସନ ବିଜେଡିକୁ ଯାଇ ସଂସଦୀୟ କ୍ଷେତ୍ର ବିଜେପିକୁ ଯିବା ରାଜନୈତିକ ବିଶେଷଜ୍ଞମାନଙ୍କୁ ବିସ୍ମିତ କରିଥିଲା । କିନ୍ତୁ ଏହି ସଂସଦୀୟ କ୍ଷେତ୍ରରେ ପରବର୍ତ୍ତୀ ସମୟରେ ଯେତିକି ନିର୍ବାଚନ ହୋଇଛି ସାଂସଦଙ୍କ ପ୍ରଭାବ ଆଉ କୌଣସି ନିର୍ବାଚନରେ ଦେଖିବାକୁ ମିଳିନାହିଁ । ବ୍ରଜରାଜନଗର ଉପନିର୍ବାଚନ, ପଦ୍ମପୁର ଉପନିର୍ବାଚନ, ପଞ୍ଚାୟତ ନିର୍ବାଚନ, ବରଗଡ଼ ପୌର ନିର୍ବାଚନ, ଅତାବିରା ଏନଏସି ନିର୍ବାଚନରେ ବିଜେପିର ସ୍ଥିତି ଅତ୍ୟନ୍ତ ଦୟନୀୟ । ଅର୍ଥାତ ଗତ ଲୋକସଭା ନିର୍ବାଚନରେ ବିଜେପି ଯାହା ଭୋଟ ପାଇଥିଲା ତାହା ଆଉ ବିଜେପି ପାଖରେ ନାହିଁ । ଏବେ ଝାରସୁଗୁଡ଼ା ଉପନିର୍ବାଚନରେ ବିଜେପି ତା ସବୁଯାକ କଳ ବଳ କୌଶଳ ଲଗାଇବ ବୋଲି ସଜବାଜ ହେଉଛି । ତେଣୁ ରାଜ୍ୟସ୍ତରୀୟ ନେତାମାନେ ଝାରସୁଗୁଡ଼ାରେ ଡେରା ପକାଇଲେଣି । ବିଜେପି ପ୍ରାର୍ଥୀ ଟଙ୍କଧର ତ୍ରିପାଠୀ ସୁନ୍ଦରଗଡ଼ ଜିଲାର ମୂଳ ବାସିନ୍ଦା ହୋଇଥିଲେ ମଧ କିଛି ବର୍ଷ ହେଲା ଝାରସୁଗୁଡ଼ା ରାଜନୀତିରେ ସକ୍ରିୟ ଅଛନ୍ତି । ତେଣୁ ଦଳ ତାଙ୍କୁ ଏଠାରୁ ପ୍ରାର୍ଥୀ କରିଛି । ସ୍ଥାନୀୟ ନେତା ଟିକଟ ଆଶାୟୀ ଥିଲା ବେଳେ ପଡ଼ୋଶୀ ଜିଲ୍ଲାର ଟଙ୍କଧରଙ୍କୁ ଟିକଟ ଦେବା ଝାରସୁଗୁଡ଼ା ବିଜେପିରେ କନ୍ଦଳର କାରଣ ନ ହେବ ବୋଲି କହି ହେବନାହିଁ । ସ୍ଥାନୀୟ ଗୋଟିଏ ଗୋଷ୍ଠୀ ଟଙ୍କଧରଙ୍କ ପ୍ରାର୍ଥୀତ୍ୱକୁ ବିରୋଧ କରୁଥିଲେ ମଧ ପରବର୍ତ୍ତୀ ସମୟରେ ଦଳୀୟ ଚାପରେ ଚୁପ ଅଛନ୍ତି । ଏହି ଗୋଷ୍ଠୀ ଟଙ୍କଧରଙ୍କୁ ହୃଦୟରୁ ସମର୍ଥନ କରୁଛନ୍ତି ନା ଲୋକ ଦେଖାଣିଆ ତାହା ଧିରେ ଧିରେ ସ୍ପଷ୍ଟ ହେବ । କେନ୍ଦ୍ରମନ୍ତ୍ରୀ ଓ ଦଳର ବହୁ ରାଜ୍ୟସ୍ତରୀୟ ନେତା ତାଙ୍କ ନାମାଙ୍କନ ବେଳେ ଝାରସୁଗୁଡ଼ା ଆସି ଟଙ୍କଧରଙ୍କ ଉତ୍ସାହ ବୃଦ୍ଧି କରିଛନ୍ତି । ଅପର ପକ୍ଷରେ କଂଗ୍ରେସ ପ୍ରାର୍ଥୀତ୍ୱକୁ ନେଇ ଦଳ ଭିତରେ ଯେ ବିରୋଧ ନାହିଁ ତାହା ନୁହେଁ । କଂଗ୍ରେସରେ ମଧ ଅସନ୍ତୋଷ ଅଛି । କିନ୍ତୁ ପ୍ରାର୍ଥୀ ତରୁଣ ପାଣ୍ଡେ ଝାରସୁଗୁଡ଼ାର ପୂର୍ବତନ ଲୋକପ୍ରିୟ ବିଧାୟକ ବୀରେନ୍ଦ୍ର ପାଣ୍ଡେଙ୍କ ପୁଅ ଓ ଝାରସୁଗୁଡ଼ାର ମୂଳ ବାସିନ୍ଦା ହୋଇଥିବାରୁ ଅନ୍ତଃକନ୍ଦଳ ବିଶେଷ ପ୍ରଭାବ ପକାଇବ ନାହିଁ ବୋଲି ଅନୁମାନ କରାଯାଉଛି । ନବ ଦାସ ବିଜେଡିକୁ ଡେଇଁଲା ପରେ ଝାରସୁଗୁଡ଼ାରେ କଂଗ୍ରେସ ବିଲୋପ ହୋଇଯିବ ବୋଲି ଯେଉଁ ଆଶଙ୍କା ପ୍ରକାଶ ପାଇଥିଲା ତାହା ତରୁଣଙ୍କୁ ପ୍ରାର୍ଥୀ କରାଗଲା ପରେ ଅମୂଳକ ପ୍ରମାଣିତ ହୋଇଛି । କଂଗ୍ରେସ ନିଜ ଅସ୍ତିତ୍ୱ ରକ୍ଷା ଓ ପୂର୍ବ ଗୌରବ ଫେରି ପାଇବା ପାଇଁ ପ୍ରାଣମୂର୍ଚ୍ଛା ସଂଘର୍ଷ କରିବ ବୋଲି ଜଣାପଡୁଛି । ତରୁଣଙ୍କ ପାଇଁ କଂଗ୍ରେସ ରାଜ୍ୟ ସଭାପତି ଶରତ ପଟ୍ଟନାୟକ ବରଗଡ଼ ଯାଇ ସ୍ଥାନୀୟ ନେତା ଓ କର୍ମୀଙ୍କ - ସହଯୋଗ ମାଗିଛନ୍ତି । ଅନ୍ୟ ପକ୍ଷରେ ବିଜେଡି ପ୍ରାର୍ଥୀ ଦୀପାଳି ଦାସ ଉପନିର୍ବାଚନ ଘୋଷଣା ହେବାର ଯଥେଷ୍ଟ ପୂର୍ବରୁ ସାଧାରଣରେ ଚର୍ଚ୍ଚିତ ଓ ସକ୍ରିୟ ଥିଲେ । ଦିବଂଗତ ନେତା ନବ ଦାସଙ୍କ ଝିଅ ହୋଇଥିବାରୁ ତାଙ୍କ ରାଜନୈତିକ ପୃଷ୍ଠଭୂମି ମଧ ବେଶ ସୁଦୃଢ଼ । ପଦ୍ମପୁର ଓ ବ୍ରଜରାଜ ନଗର ଉପନିର୍ବାଚନରେ ମହିଳା ଓ ଯୁବ ଭୋଟରମାନଙ୍କୁ ସଙ୍ଗଠିତ କରି ବିଜେଡିର ଭୋଟ ବୃଦ୍ଧି କରିବାରେ ତାଙ୍କ ବଡ଼ ଭୂମିକା ଥିଲା । ଏବେ ସେ ନିଜେ ନିର୍ବାଚନ ଲଢୁଥିବାରୁ ତାଙ୍କ ପୂର୍ବ ଅନୁଭୁତି, ରାଜନୈତିକ ପୃଷ୍ଠଭୂମି ଓ ତାଙ୍କ ଶିକ୍ଷାଗତ ଯୋଗ୍ୟତା ତାଙ୍କୁ ବେଶ୍ ସହାୟକ ହେବ ବୋଲି କୁହାଯାଉଛି । ବିଜେଡିର ତୁଙ୍ଗ ନେତାଏ ପୂର୍ବ ଉପନିର୍ବାଚନଗୁଡ଼ିକୁ ଉଦାହରଣ ଭାବେ ନେଇ ବିଶେଷ କରି ପଦ୍ମପୁର ଉପନିର୍ବାଚନରେ ଦଳ ଯେଉଁ ରଣନୀତି ପ୍ରୟୋଗ କରି ବିଜୟୀ ହୋଇଥିଲା ସେହି ରଣନୀତିରେ ଝାରସୁଗୁଡ଼ା ଉପନିର୍ବାଚନରେ ବହୁ ଭୋଟରେ ବିଜୟୀ ହେବାକୁ କ୍ଷେତ୍ର ପ୍ରସ୍ତୁତ କରୁଛନ୍ତି ।

## ସମ୍ବଲପୁର ହିଂସାକାଣ୍ଡ ପ୍ରତିବାଦରେ ପଶ୍ଚିମ ଓଡ଼ିଶା ବନ୍ଦ ସଫଳ

ସମ୍ବଲପୁର : ସମ୍ବଲପୁର ହିଂସାକାଣ୍ଡର ପ୍ରତିବାଦରେ ବିଶ୍ୱ ହିନ୍ଦୁ ପରିଷଦ ତରଫରୁ ଡାକରା ଦିଆ ଯାଇଥିବା ପଶ୍ଚିମ ଓଡ଼ିଶା ବନ୍ଦକୁ ଅଭୂତପୂର୍ବ ସମର୍ଥନ ମିଳିଛି । ପଶ୍ଚିମ ଓଡ଼ିଶାର ସମସ୍ତ ୧୦ଟି ଜିଲ୍ଲାରେ ବନ୍ଦ ସଫଳ ଓ ଶାନ୍ତିପୂର୍ଣ୍ଣ ହୋଇଛି । ସମ୍ବଲପୁରରେ ଲୋକେ ସ୍ୱତଃସ୍ଫୂର୍ତ୍ତ ଭାବେ ବନ୍ଦରେ ସାମିଲ ହୋଇଥିଲେ । ଏହି ବନ୍ଦକୁ ବିଜେପି ଓ ବଜରଂଗ ଦଳ ସମର୍ଥନ ଜଣାଇଥିଲେ । ବଲାଙ୍ଗୀର, କଳାହାଣ୍ଡି, ନୂଆପଡ଼ା, ବୌଦ୍ଧ, ସୁବର୍ଣ୍ଣପୁର, ଦେବଗଡ଼ ଜିଲ୍ଲା ସଂପୂର୍ଣ୍ଣ ବନ୍ଦ ରହିଥିଲା ।

## ଶ୍ରୀମଦ୍ ଭଗବତ ଗୀତାର କେତେକ ରୋଚକ ତଥ୍ୟ

ପ୍ର- ଗୀତା କିଏ କାହାକୁ ଶୁଣାଇ ଥିଲେ ?

ଉ- ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ଶୁଣାଇ ଥିଲେ ।

ପ୍ର- କେବେ ଶୁଣାଇ ଥିଲେ ?

ଉ - ଆଜିକୁ ପ୍ରାୟ ୭ ହଜାର ବର୍ଷ ଆଗେ ।

ପ୍ର- କେଉଁ ବାରରେ ଗୀତା ଶୁଣାଇ ଥିଲେ ?

ଉ- ରବିବାର ।

ପ୍ର- କେଉଁ ତିଥିରେ ?

ଉ - ଏକାଦଶୀ ।

ପ୍ର- କୋଉଠି ଶୁଣାଇଥିଲେ ?

ଉ- କୁରୁକ୍ଷେତ୍ରର ଯୁଦ୍ଧ କ୍ଷେତ୍ରରେ ।

ପ୍ର- କେତେ ସମୟରେ ଶୁଣାଇ ଥିଲେ ?

ଉ- ପାଖା ପାଖି ୪୫ ମିନିଟରେ ।

ପ୍ର- କାହିଁକି ଶୁଣାଇ ଥିଲେ ?

ଉ- କର୍ତ୍ତବ୍ୟରୁ ଓହରି ଯାଇଥିବା ଅର୍ଜୁନଙ୍କୁ କର୍ତ୍ତବ୍ୟ ଶିଖାଇବା ପାଇଁ ଓ ଭବିଷ୍ୟତରେ ମାନବ ସମାଜକୁ ଧର୍ମ ବିଷୟକ ଜ୍ଞାନ ଶିଖିବା ଲାଗି ।

ପ୍ର- ଗୀତାରେ କେତେ ଅଧାୟ ଅଛି ?

ଉ- ୧୮ ଅଧାୟ ।

ପ୍ର- କେତୋଟି ଶ୍ଳୋକ ଅଛି ?

ଉ- ୭୦୦ ଶ୍ଳୋକ ।

ପ୍ର- ଗୀତାରେ କେଉଁ କେଉଁ ବିଷୟରେ ଚର୍ଚ୍ଚା ହୋଇଛି ?

ଉ- ଜ୍ଞାନ-ଭକ୍ତି-କର୍ମ ଯୋଗର ବିସ୍ତୃତ ବ୍ୟାଖ୍ୟା କରାଯାଇଛି । ଏହି ମାର୍ଗରେ ଚାଲିଲେ ଜଣେ ବ୍ୟକ୍ତି ପରମ ପଦର ଅଧିକାରୀ ହୋଇପାରିବ ।

ପ୍ର- ଗୀତାକୁ ଅର୍ଜୁନଙ୍କ ଛଡା କିଏ କିଏ ଶୁଣିଥିଲେ ?

ଉ- ଧୃତରାଷ୍ଟ୍ର ଓ ସଞ୍ଜୟ ।

ପ୍ର- ଅର୍ଜୁନଙ୍କ ଆଗରୁ ଗୀତାର ପାବନ ଜ୍ଞାନ କାହାକୁ ମିଳିଥିଲା ?

ଉ- ଭଗବାନ ସୂର୍ଯ୍ୟ ଦେବତାଙ୍କୁ ।

ପ୍ର- ଗୀତାର ଗଣନା କୋଉ ଧର୍ମ ଗ୍ରନ୍ଥରେ ମିଳେ ?

ଉ- ଉପନିଷଦ ରେ ।

ପ୍ର- ଗୀତା କେଉଁ ମହାଗ୍ରନ୍ଥର ଭାଗ ଅଟେ ?

ଉ- ଗୀତା ମହାଭାରତର ଶାନ୍ତି ପର୍ବର ଏକ ଭାଗ ଅଟେ ।

ପ୍ର- ଗୀତାର ଅନ୍ୟ ନାମ କଣ ?

ଉ- ଗୀତୋପନିଷଦ ।

ପ୍ର- ଗୀତାର ସାର କଣ ?

ଉ- ପ୍ରଭୁ ଶ୍ରୀ କୃଷ୍ଣଙ୍କର ଶରଣ ଯିବା ।

ପ୍ର- ଗୀତାରେ କିଏ କେତେ ଶ୍ଳୋକ କହିଥିଲେ ?

ଉ- ଶ୍ରୀ କୃଷ୍ଣ-୫୭୪, ଅର୍ଜୁନ-୮୫, ଧୃତରାଷ୍ଟ୍ର-୧ ଏବଂ ସଞ୍ଜୟ-୪୦ ।

# ସ୍ଥାୟୀ ସୁଖ ଶାନ୍ତିର ଆଧାର 'ଜ୍ଞାନ-ପଥ'

**ଅଜ୍ଞାନ** ଏକ ପ୍ରକାର ଅନ୍ଧକାର । ଅନ୍ଧକାରରେ ପାଖର ଜିନିଷ ବି ଠିକ୍‌ଭାବେ ଦେଖାଯାଏ ନାହିଁ, କିଛିର କିଛି ଦେଖାଯାଏ । ଅନେକ ଥର ପାଖରେ ଥିବା ଜିନିଷ ବି ଖୋଜିବାକୁ ପଡେ, ତେବେ ବି ମିଳେନାହିଁ । ଏହିପରି ଦୋଷପୂର୍ଣ୍ଣ ହୋଇଥିବା କାରଣରୁ ଅନ୍ଧକାରର ନିନ୍ଦା କରାଯାଏ । ଅନ୍ଧକାର ଭୟର କାରଣ ବି ହୋଇଥାଏ । ରାତିରେ ଜନଶୂନ୍ୟ ଘରେ ଭୟ ଲାଗିଥାଏ । ଏକାକୀ ନିର୍ଜନ ଜଙ୍ଗଲକୁ ଗଲେ ବି ଡର ଲାଗିଥାଏ । ଦିନବେଳେ ସେଠାରେ ରହିଲେ କିଛି ଲାଗେ ନାହିଁ, କିନ୍ତୁ ରାତି ହେଲାମାତ୍ରେ ଭୟ ଲାଗେ । ମନରେ ବିପତ୍ତି ଆସିବାର ଆଶଙ୍କା ହୁଏ । ଚୋର, ସର୍ପାଦି ବନ୍ୟପଶୁ, ଭୂତ ପ୍ରେତାଦିର ଭୟ ଲାଗିଥାଏ । ପତ୍ରଟିଏ ହଲିଗଲେ ବି ଲାଗେ ଯେପରି ଭୂତ ଆସୁଛି । ଏହି ଭୟ କାରଣରୁ ଛୋଟ ଛୋଟ ଗଛ ଓ ବନ୍ୟ ଜୀବ ମଧ ଅତ୍ୟନ୍ତ ଭୟାବହ ଲାଗିଥାନ୍ତି । ଏହି ସ୍ଥିତିପାଇଁ ହିଁ କୁହାଯାଇଛି ଶଙ୍କା ଡାହାଣୀ ମନସା ଭୂତ, ଶୂନ୍ୟେ ମାରଇ ଲାତ ।

ଅନ୍ଧକାର ଓ ଭୟର ଯୋଡି ଏକସଙ୍ଗେ ଚାଲେ । ଯେଉଁଠାରେ ଅନ୍ଧକାର, ସେଠାରେ ଭୟ ଅବଶ୍ୟ ରହେ । ଅନ୍ଧକାର ବାସ୍ତବ ଜ୍ଞାନ ହେବାକୁ ଦିଏନାହିଁ, ଫଳସ୍ୱରୂପ ଏପରି ପରିସ୍ଥିତି ନିର୍ମିତ ହୋଇଯାଏ କି ଭୟ ଆପେ ଆପେ ଜନ୍ମିଥା, । ଏଥିରୁ ରକ୍ଷା ପାଇବାକୁ ହେଲେ ରାତିରେ କୃତ୍ରିମ ଆଲୋକ ଉତ୍ପନ୍ନ କରିବାକୁ ପଡେ । ଦିନର ଆଲୋକରେ ଭୟ ୯୦ ପ୍ରତିଶତ ସମାପ୍ତ ହୋଇଯାଏ କିନ୍ତୁ ରାତିହେଲେ ପୁରି ଭୟକାରକ ପରିସ୍ଥିତି ଉତ୍ପନ୍ନ ହୋଇଯାଏ । ଏହି କାରଣରୁ ଅନ୍ଧକାରର ନିନ୍ଦା ଓ ଆଲୋକର ପ୍ରଶଂସା କରାଯାଏ । ଅନ୍ଧକାର ସନ୍ଦେହଜନକ ସ୍ଥିତିରେ ରଖେ ତ ଆଲୋକ ବସ୍ତୁର ପ୍ରକୃତ ଜ୍ଞାନ କରାଇଥାଏ । ଆଲୋକ ଜ୍ଞାନ ଦିଏ ଓ ଅନ୍ଧକାର ଅଜ୍ଞାନ । ଅଜ୍ଞାନରୁ ଭୟ ଓ ଜ୍ଞାନରୁ ନିର୍ଭୟ ହୋଇଥାଏ । ଅଜ୍ଞାନ ହାନିକାରକ ଓ ଜ୍ଞାନ ଆଲୋକ ଲାଭଦାୟକ ଏଣୁ ଉପନିଷଦକାର 'ତମସୋ ମା ଜ୍ୟୋତିର୍ଗମୟ'ର ପ୍ରାର୍ଥନା କରିଛନ୍ତି ।

ଯେଉଁ ଦୋଷ ଅନ୍ଧକାରରେ ଅଛି, ସେହି ଦୋଷ ଅଜ୍ଞାନରେ ବି ରହିଛି, ତେଣୁକରି ଏହାର ତୁଳନା ଅନ୍ଧକାର ସହ କରାଯାଏ । ଅଜ୍ଞାନ ବି ଭୟ ଉତ୍ପନ୍ନ କରେ । ତଫାତ୍ ଏତିକି ଯେ, ଅଜ୍ଞାନୀ ମଣିଷ ଏ କଥାପ୍ରତି ଧାନ ଦିଏନାହିଁ । ସେ କେବଳ ସେତେବେଳେ ଧାନ ଦିଏ ଯେତେବେଳେ କୌଣସି ବିଶେଷ ସମସ୍ୟା ଜାଲରେ ଛନ୍ଦିହୋଇ ବାଟବଣା ହୋଇଥାଏ । ପରିଣାମ କ'ଣ ହେବ ଜଣା ନାହିଁ ଓ ସମସ୍ୟା ଗଭୀରତର ହୋଇଚାଲିଛି, ଏପରି ସ୍ଥିତିରେ ହିଁ ସେ ଭୟ ଅନୁଭବ କରେ । ଯଦି ବସ୍ତୁସ୍ଥିତି ବିଷୟରେ ଜ୍ଞାନ ହୁଅନ୍ତା, ତେବେ ଭୟ ରହନ୍ତା ନାହିଁ । ଯେତେବେଳେ ଏହାର ସମ୍ୟକ୍ ଜ୍ଞାନ ହୁଏ, ଭୟ ବି ଚାଲିଯାଏ ।

ବିଚାର ଓ କାର୍ଯ୍ୟପଦ୍ଧତିରେ ତ୍ରୁଟି ରହିଗଲେ ପରିଣାମ କଷ୍ଟଦାୟକ ହୋଇଥାଏ । ଅଜ୍ଞାନ ଅନ୍ଧକାରର ଭ୍ରମ ସର୍ବଦା ଦୁଃଖଦାୟକ । ମୃଗତୃଷ୍ଣା କଥା ସର୍ବବିଦିତ । କଥିତ ଅଛି, ତୃଷାତୁର ହରିଣ ଦିନବେଳେ ସୂର୍ଯ୍ୟ ରଶ୍ମିରେ ଉତ୍ତପ୍ତ ମରୁଭୂମିର ବାଲିକଣରୁ ଉତ୍ପନ୍ନ ଜଳାଭାସର ଭ୍ରମରେ ଅଥବା ଚାନ୍ଦିନୀ ରାତିର ଚନ୍ଦ୍ରିକାରେ ଚମକୁଥିବା ଭୂପୃଷ୍ଠର ଲବଣ ସ୍ତରରୁ ଉତ୍ପନ୍ନ ଜଳଭ୍ରମରେ ଭ୍ରମିତ ହୋଇ ତୃଷ୍ଣା ମେଣ୍ଟାଇବା ପାଇଁ ଦଉଡିଥାଏ କିନ୍ତୁ ଜଳ କେବେ ମିଳେନାହିଁ । କେବଳ ଆତ୍ମଗ୍ଳାନି, ପଶ୍ଚାତ୍ତାପ, ଦୁଃଖ ଓ ବର୍ଦ୍ଧିତ ତୃଷାର ଅସହ୍ୟ ବେଦନା ମାତ୍ର ମିଳେ । ଅନ୍ଧକାରରେ ପଡିଥିବା ଦଉଡି ସର୍ପପରି ମନେ ହୋଇ ଭୟ ଉତ୍ପନ୍ନ ହୁଏ ଓ ଜଣାପଡିଲା ପରେ ଘୋର ଖେଦ ବିଷାଦ ହୁଏ । ଏସବୁରୁ ବଞ୍ଚିବାକୁ ହେଲେ ଜ୍ଞାନପ୍ରାପ୍ତି କରିବାକୁ ହେବ ।

ଋଷି ମୁନିମାନେ ଜ୍ଞାନପ୍ରାପ୍ତିକୁ ସର୍ବୋପରି ପୁରୁଷାର୍ଥ କହିଛନ୍ତି । ଅଧାତ୍ମ ତତ୍ତ୍ୱଜ୍ଞାନର ବିଶାଳ ଭଣ୍ଡାର ଜ୍ଞାନୋଦୟ ହୋଇ ଅଜ୍ଞାନରୁ ମୁକ୍ତ ହେବା ଉଦ୍ଦେଶ୍ୟରେ ନିର୍ମିତ । ଅଜ୍ଞାନୀ ଏକ ପ୍ରକାର ଅନ୍ଧ ହୋଇଥାଏ । ବୁଦ୍ଧିହୀନତା କାରଣରୁ ସେ ଅନେକ ଭ୍ରମଜନିତ ଦୁଃଖ କ୍ଳେଶ ଭୋଗିଥାଏ । ଜ୍ଞାନପ୍ରାପ୍ତି ହୋଇଗଲେ ସମସ୍ତ ଅଜ୍ଞାନଜନିତ ଭ୍ରମ ଦୂର ହୋଇ ସେ ସୁଖକାରୀ ପଥରେ ଚାଲେ ଓ ଆନନ୍ଦରେ ରହେ ।

ମାନବ ଜୀବନର ଗୌରବ ଏଥିରେ ଯେ ମଣିଷ ଜ୍ଞାନପ୍ରାପ୍ତି ପାଇଁ ସଦା ପ୍ରଯତ୍ନ କରୁ । ବିଚାର କ୍ଷେତ୍ରରେ ବସା ବାନ୍ଧି ରହିଥିବା ଦୁଷ୍ପ୍ରବୃତ୍ତି ଦୁର୍ବିଚାର ବା ଦୁର୍ଗୁଣକୁ ଚିହ୍ନୁ ଓ ତାକୁ ଦୂର କରିବାର ପ୍ରଯତ୍ନ କରୁ । ନିଜ ଭିତରର ଦୋଷ ଦୁର୍ଗୁଣକୁ ଦୂର କରିବା ହିଁ ଏକମାତ୍ର ଉପାୟ, ଯାହାଦ୍ୱାରା ଅଜ୍ଞାନରୂପୀ ଅନ୍ଧକାରକୁ ଦୂରୀଭୂତ କରାଯାଇ ପାରିବ । ଏଥିପାଇଁ ମଣିଷ ବିବେକଶୀଳ ହେବା ଜରୁରୀ, ଆତ୍ମସମୀକ୍ଷା କରି ଆତ୍ମପରିମାର୍ଜନର ପ୍ରୟାସ କରିବା ଅତ୍ୟାବଶ୍ୟକ ।

ଅଧାତ୍ମବାଦର ଉଦ୍ଦେଶ୍ୟ ଓ ଆଦର୍ଶ ଏହା ଯେ, ମଣିଷ ବିବେକବାନ ହେଉ । ପ୍ରତ୍ୟେକ କଥା ଓ ପରିସ୍ଥିତିର ଗଭୀରତାରେ ପ୍ରବେଶ କରି ବାସ୍ତବିକତାକୁ ଜାଣିବାର ଚେଷ୍ଟା କରୁ । ସଂସାରରେ ଭଲ ମନ୍ଦ ଉଭୟ ଜିନିଷ ରହିଛି । ଉତ୍ତମରୁ ଉତ୍ତମ ଆଦର୍ଶ, ଉଦାହରଣ, ବିଶ୍ୱାସ ଓ ପ୍ରଚଳନ ରହିଛି । ଯାହା ଚାହିଁଲେ ଆଖି ଖୋଲିବା ମାତ୍ରେ ସମ୍ମୁଖରେ ଦେଖାଯିବ । ଆବଶ୍ୟକ ଏହା ଯେ ସେ କାହାକୁ ବରଣ କରୁଛି । ବୁଦ୍ଧିମତ୍ତା କହିଥାଏ, ସଦା ଉତ୍ତମକୁ ହିଁ ବରଣ କରିବା ଉଚିତ । ବିଷୟାଭିମୁଖୀ ଇନ୍ଦ୍ରିୟଗଣ ବାହ୍ୟ ଓ ଅସ୍ଥାୟୀ ସୁଖ ବା ଦୁଃଖଦାୟକ ଆକର୍ଷଣ ଆଡ଼କୁ ଆକର୍ଷିତ ହୋଇଥାନ୍ତି । ବିବେକ କହେ ସ୍ଥାୟୀ ସୁଖ ଶାନ୍ତି ଓ ଶାଶ୍ୱତ ଆନନ୍ଦ ଦିଗରେ ଅଗ୍ରସର ହେବା ଉଚିତ । ପତନମୁଖୀ ପ୍ରବାହର ବିପରୀତ ଉତ୍ଥାନ ଦିଗକୁ ବଢ଼ିବା ଶ୍ରେୟସ୍କର । ଏହି ପଥରେ ହିଁ ଅଜ୍ଞାନ ସମାପ୍ତ ହେବ ଓ ଜ୍ଞାନଲୋକ ପ୍ରାପ୍ତ ହୋଇ ଚିର ସୁଖ ଶାନ୍ତିର ଆଧାର ମିଳିବ ।

# ମନ ଚଞ୍ଚଳ ହୁଏ କାହିଁକି ?

**ଲୋ**କେ ପ୍ରାୟ ଅଭିଯୋଗ କରିଥାନ୍ତି ଯେ, ମନ ବହୁତ ଚଞ୍ଚଳ । ସେ ସଦା ଏଣେ ତେଣେ ଘୁରି ବୁଲିଥାଏ । କେବେ ବି ଏକ ସ୍ଥାନରେ ସ୍ଥିର ରହେ ନାହିଁ । ପରାଗପ୍ରିୟ ଭ୍ରମରପରି ଏପଟେ ସେପଟେ କିଛି ଖୋଜି ବୁଲିଥାଏ । ଚାହିଁଥାଏ ଏଥିରେ ସୁଖ ମିଳିବ ବା ସେଥିରେ ମିଳିବ, କିନ୍ତୁ ତାକୁ ନିରାଶା ହିଁ ହୋଇଥାଏ । ମନର ଏହି ଅତିଶୟ ଚଞ୍ଚଳତା କାରଣରୁ ମଣିଷ ହଇରାଣ ଓ ଦୁଃଖୀ ବି ହୋଇଥାଏ । ଚିନ୍ତା କରେ, ଏପରି କ'ଣ ଅଛି ଯାହା ତାକୁ ସୁଖ ଦେଇପାରିବ ? ସେ ସୁଖ ଶାନ୍ତି ଖୋଜି ଖୋଜି ଜୀବନ ବିତାଇଦିଏ, କିନ୍ତୁ ଏକ ଅପୂର୍ଣ୍ଣତା, ଏକ ରିକ୍ତତା, ରୁକ୍ଷତା, ଶୁଷ୍କତା, ଶୂନ୍ୟତା ଓ ଅଭାବର ଦୁଃଖ ବିଷାଦ ନେଇ ସଂସାରରୁ ବିଦାୟ ହୋଇଥାଏ । କେବେ ଜାଣିପାରେ ନାହିଁ ଯେ, ମନର ଏପଟେ ସେପଟେ ଘୂରି ବୁଲିବାର କାରଣ କ'ଣ ? କେବେ ସମାଧାନ ପାଇପାରେ ନାହିଁ । ତା'ର ଚାଞ୍ଚଲ୍ୟ ବତାସ ବିଚାରର ବାଦଲକୁ ଶୁଖିଲା ପତ୍ରପରି ଉଡାଇ ଦେଉଥାଏ ଓ ବିବେକକୁ ଉଚିତ ନିର୍ଣ୍ଣୟ କରିବାକୁ ଦିଏନାହିଁ ।

ପ୍ରକୃତ କଥା ହେଲା ମଣିଷ ଭାବିପାରେ ନାହିଁ ଯେ, ସ୍ଥାୟୀ ସୁଖ ଶାନ୍ତି ବା ଆନନ୍ଦ ଐଶ୍ୱର୍ଯ୍ୟର ସ୍ରୋତ ତା'ର ଅନ୍ତରରେ ହିଁ ଲୁକ୍କାୟିତ । ସେ 'ମୃଗ ମରୀଚିକା' ପରି ବାହାରେ ଖୋଜିବୁଲେ ଓ କେବେ ପାଏନାହିଁ । ଯାହା ନିଜ ଭିତରେ ଅଛି ତାକୁ ବାହାରେ ଖୋଜିଲେ କେଉଁଠୁ ମିଳିବ ? ସେ ଦେବୀ ଦେବତାଙ୍କ ମନ୍ଦିରରେ ହାତପାତି ଐଶ୍ୱର୍ଯ୍ୟ ମାଗେ, ଗଙ୍ଗା, ଗୋଦାବରୀରେ ବୁଡ଼ ପକାଇ ଶିବଶମ୍ଭୁଙ୍କର ଦର୍ଶନ କରି ସୁଖ ଶାନ୍ତିର ବରଦାନ ମାଗେ । ତୃଷା ମେଣ୍ଟାଇବାର ପୁରା ପ୍ରଯତ୍ନ କରେ, କିନ୍ତୁ ହାତରେ ଥିବା ଜଳ କଳଶ ଉପରେ ତା'ର କେବେ ଆଖି ପଡେ ନାହିଁ । ଏହା ଏକ ହାସ୍ୟାସ୍ପଦ ଭ୍ରମ ଓ ଅଜ୍ଞାନତା ।

ମଣିଷ ଶରୀର ନୁହେଁ, ଆତ୍ମା । ମନ ଇନ୍ଦ୍ରିୟାଦି ତା'ର ସାଧନ ଉପକରଣ । ସେ ଏଗୁଡିକର ଦାସ ନୁହେଁ, ସ୍ୱାମୀ । ସ୍ୱାମୀ ଦାସମାନଙ୍କ ଦାସତ୍ୱ କରି ସେମାନଙ୍କ ଠାରୁ ସ୍ୱାମୀଙ୍କ ଯୋଗ୍ୟ ସୁଖ ଐଶ୍ୱର୍ଯ୍ୟର ଅପେକ୍ଷା କରୁଛି ଯାହା ଦୟନୀୟ ଦୁରବସ୍ଥାର କଥା ।

ପ୍ରକୃତରେ ମନର ଚଞ୍ଚଳତା ବା ମଣିଷର ସୁଖ ଶାନ୍ତି ପ୍ରାପ୍ତିର ବ୍ୟାକୁଳତା ଅକାରଣ ନୁହେଁ । ସେ ବାସ୍ତବରେ ଭୁଲି ଯାଇଥିବା ସେହି ଉତ୍ସକୁ ଖୋଜୁଛି ଯେଉଁଠାରେ ତା'ର ଶାଶ୍ୱତ ସୁଖ ଆନନ୍ଦର ଅଜସ୍ର ନିର୍ଝର ଛପି ରହିଛି । ଏଥିପାଇଁ ସେ ଧନ, ମାନ, ପଦ, ପ୍ରତିଷ୍ଠା, ନାନା ପ୍ରକାର ଭୋଗ ଆଦି ପଛରେ ପାଗଳପରି ଦୌଡୁଛି । ବାସନା ତୃଷ୍ଣା, ଲୋଭ-ଲାଳସା ଆଦିର ପଙ୍କରେ ସୁଗନ୍ଧିତ ସୁମନର ସୁନେଲି ସ୍ୱପ୍ନ ଦେଖୁଛି । ନାଚ ସଙ୍ଗୀତାଦିର ସୌନ୍ଦର୍ଯ୍ୟ ଆକର୍ଷଣରେ ସେ କେବଳ ନିଜର ହରାଇଥିବା ପୂର୍ଣ୍ଣତାକୁ ହିଁ ଖୋଜୁଛି । ଏହି ଖୋଜିବା ନିରର୍ଥକ ନୁହେଁ ବରଂ ଏହା ଏକ ଶୁଭ ସମ୍ଭାବନାର ପରିଚାୟକ । ନ ଖୋଜିବା ଚିନ୍ତାଜନକ । ସେ ଖୋଜୁଛି ତ ଏବେ ତାକୁ କେବଳ ଏତିକି ଜାଣିବାର ଅଛି ଯେ, ତା'ର ସମସ୍ତ ସମ୍ଭ୍ରମର ସମାଧାନ ସେ ସ୍ୱୟଂ ବା ତା'ର ଆତ୍ମା ଅଟେ । ଏହାପରେ ସମସ୍ତ ଚଞ୍ଚଳତା, ଭେଦ ଭ୍ରମ ସମାପ୍ତ ହୋଇଯିବ । ନିଜର ପ୍ରକୃତ ସ୍ୱରୂପକୁ ଜାଣି ସେ ସ୍ଥିର ହୋଇଯିବ । କେବଳ ତାକୁ ଦିଶା ବଦଳାଇବାର ଅଛି, ବାହ୍ୟରୁ ଅଭ୍ୟନ୍ତର ଆଡ଼କୁ ମୁହାଁଇବାର ଅଛି ।

# ପ୍ରାର୍ଥନାର ମହତ୍ତ୍ୱ

'**ପ୍ରା**ର୍ଥନା' ମଣିଷ ଜୀବନର ଧ୍ରୁବତାରାପରି । ଏହାକୁ ଅତ୍ୟାବଶ୍ୟକ ନିତ୍ୟକର୍ମରେ ମଧ ସର୍ବୋପରି ଭାବିବା ଦରକାର ଏବଂ ଶରୀର ନିର୍ବାହ କାର୍ଯ୍ୟଠାରୁ ମଧ ଏହାକୁ ପ୍ରଧାନତା ଦେବା ଦରକାର । ଭୋଜନ ନ କଲେ ଶରୀର ଭୋକିଲା ରହେ, କିନ୍ତୁ ପ୍ରାର୍ଥନା ନ ହେଲେ ଆତ୍ମାର ପ୍ରଗତି ଅବରୁଦ୍ଧ ହୋଇଯାଏ । ଆମେ ଶରୀର ନୁହେଁ ଆତ୍ମା ଅଟୁ । ଏଣୁ ଶରୀର ଅପେକ୍ଷା ଆତ୍ମାର ଆବଶ୍ୟକତାକୁ ଅଧିକ ଗୁରୁତ୍ୱ ଦେବା ଦରକାର । ଯେପରି ଶରୀର ଶୁଦ୍ଧିହେତୁ ସ୍ନାନ ତଥା ବସ୍ତ୍ର ସଫା କରିବା ପାଇଁ ସାବୁନ ଦରକାର ହୁଏ ଆତ୍ମିକ ଶୁଦ୍ଧି ନିମନ୍ତେ ପ୍ରାର୍ଥନା ତା' ଠାରୁ ବି ଅଧିକ ମହତ୍ତ୍ୱପୂର୍ଣ୍ଣ । ଏ କାର୍ଯ୍ୟରେ କଦାପି ଆଳସ୍ୟ ପ୍ରମାଦ ନ କରିବା କଥା । ପ୍ରାର୍ଥନାକୁ ଉପେକ୍ଷା କରିବାର ଅର୍ଥ ଜୀବନର ସର୍ବୋତ୍କୃଷ୍ଟ ସ୍ୱାର୍ଥକୁ ତିରସ୍କୃତ କରିବାଭଳି ଏକ ଭୁଲ୍ ଅଟେ ।

ଶରୀର, ବସ୍ତ୍ର ଓ ସ୍ଥାନାଦି ଶୁଦ୍ଧିପୂର୍ବକ ନିର୍ଦ୍ଧାରିତ ସମୟରେ ପୂଜା ଉପକରଣ ସହିତ ବିଧିବତ୍ ଉପାସନା କରିପାରିଲେ ସର୍ବୋତ୍ତମ ହେବ । କିନ୍ତୁ କାରଣବଶତଃ ଏପରି ହୋଇ ନ ପାରିଲେ ପ୍ରାତଃକାଳରେ ନିଦରୁ ଉଠି ଶଯ୍ୟା ଛାଡ଼ିବା ପର୍ଯ୍ୟନ୍ତ



ସମୟରେ 'ପୂର୍ବ ସନ୍ଧ୍ୟା' ରୂପରେ ତଥା ରାତିରେ ବିଛଣାରେ ଶୋଇବାବେଳେ ନିଦ ଆସିବା ଯାଏ ସମୟରେ 'ଉତ୍ତର ସନ୍ଧ୍ୟା' ରୂପରେ ପ୍ରାର୍ଥନା କରାଯାଇ ପାରେ । ଏହି ଉଭୟ ସମୟ ସଭିଙ୍କ ପାଇଁ ସୁଲଭ ଓ ସୁବିଧାପୂର୍ଣ୍ଣ । ଏହି ସମୟ ପାଇଁ କୌଣସି ବାହାନା କରିବାର ବି କାରଣ ନାହିଁ । ନିୟମିତ ଉପାସନା କରୁଥିବା ଲୋକେ ମଧ ଏ ସମୟରେ ପ୍ରାର୍ଥନା କରିବା ଦରକାର । ଏ ସମୟରେ ପୂଜା ସାମଗ୍ରୀ ବିନା କେବଳ ଭାବନା, ଶ୍ରଦ୍ଧା, ବିଶ୍ୱାସ ଓ ଧାନ ଧାରଣା ଆଧାରରେ ଉପାସନା ହୋଇପାରେ । ଏହା ସମସ୍ତେ କରିପାରନ୍ତି ।

ପ୍ରାର୍ଥନାରେ ଭାବନାର ମୁଖ୍ୟ ସ୍ଥାନ ରହିଛି । ଭାବନା ଯେତିକି ସଚ୍ଚା, ପ୍ରଗାଢ଼ ଓ ଶ୍ରଦ୍ଧାପୂର୍ଣ୍ଣ ହେବ, ପରିଣାମ ସେତିକି ସୁଖଦାୟକ ହେବ, ଏଣୁ ଶ୍ରଦ୍ଧାପୂର୍ବକ ପ୍ରାର୍ଥନା କରିବା ଦରକାର ଓ ତା'ର ଭାବନାରେ ଅନ୍ତଃକରଣକୁ ଓତପ୍ରୋତ କରିବା ଦରକାର । ଯେଉଁପରି ଦୁଇଜଣ ଆତ୍ମୀୟ ଜନ ହୃଦୟ ଖୋଲି ବାର୍ତ୍ତାଳାପ କରିଥାନ୍ତି, ସେହିପରି ପ୍ରଭୁ ହୃଦୟରେ ବିରାଜମାନ, ଏପରି ଅନୁଭବ କରି ନିଜର ମନୋଭାବ ନିବେଦନ କରିବା ଦରକାର । ପ୍ରଭୁ ଆମ ଅଙ୍ଗ ପ୍ରତ୍ୟଙ୍ଗରେ, ଲୋମ ଲୋମରେ, ପ୍ରତ୍ୟେକ ଶ୍ୱାସରେ ସମାହିତ । ହୃଦୟରେ ସିଏ ହିଁ ସ୍ପନ୍ଦିତ, ରସ ରକ୍ତାଦିରେ ସିଏ ହିଁ ଉଷ୍ମତା ପ୍ରଦାନ କରୁଛନ୍ତି । ପ୍ରାଣ ଚେତନା ଓ ଭାବନା ରୂପରେ ସିଏ ହିଁ ପ୍ରେରକ ଶକ୍ତି । ଏପରି ଅଭିନ୍ନ ମିତ୍ରଙ୍କ ସଙ୍ଗେ ହୃଦୟ ଖୋଲି କଥାବାର୍ତ୍ତା କରିବାରେ ଭୟ ସଙ୍କୋଚ ନହେବା କଥା । ପ୍ରାର୍ଥନା ଭାବନାପୂର୍ଣ୍ଣ ହେଲେ ବିଧିବିଧାନପୂର୍ବକ କରାଯାଉଥିବା ପୂଜା ଉପାସନା ଠାରୁ ବି ଅଧିକ ପ୍ରଭାବଶାଳୀ ହୋଇଥାଏ ।

ପ୍ରଭୁଙ୍କ ଆଗରେ ଭାବନାର ସର୍ବୋପରି ମହତ୍ତ୍ୱ ରହିଛି । ଶ୍ରଦ୍ଧାରହିତ ପ୍ରତୀକ ପୂଜା ଅପେକ୍ଷା ମୁକ୍ତ ହୃଦୟର ଭାବନାପୂର୍ଣ୍ଣ ପ୍ରାର୍ଥନା ଶ୍ରେଷ୍ଠ । ଏଠାରେ ନିୟମିତ ପୂଜା ଆରାଧନାକୁ ମହତ୍ତ୍ୱହୀନ କୁହାଯାଉ ନାହିଁ, ବରଂ ପ୍ରାର୍ଥନାର ମହତ୍ତ୍ୱ ବିଷୟରେ କୁହାଯାଉଛି । ନିୟମିତ ସାଧନାର ମହତ୍ତ୍ୱ ସର୍ବୋପରି । ଏହା ଏକ ପ୍ରକାର ଯୋଗାଭ୍ୟାସପରି । ଏହାଦ୍ୱାରା ସୂକ୍ଷ୍ମ ଶରୀର ଓ ଚକ୍ର ଉପତ୍ୟକାଗୁଡିକର ଜାଗରଣ ହୋଇଥାଏ ଏବଂ ସଂସ୍କାରରେ ଦୃଢ଼ତା ଆସିଥାଏ । ଆମ ଗୃହରେ ପୂଜା ଆରତୀ, ପ୍ରସାଦ, ଯୋଗ, ଜପ, ତପ, ଧାନ ଧାରଣାର କାର୍ଯ୍ୟକ୍ରମ ଚାଲୁଥିବା ଦରକାର । ଏହା ସହିତ ଯେତେବେଳେ ବି ସମୟ ମିଳୁଛି ସେତେବେଳେ ପ୍ରାର୍ଥନା ଅବଶ୍ୟ କରିବା ଦରକାର ।

## ଆଜିର ଚିନ୍ତନ

**ଜୀ**ବନର ସାର୍ଥକତା ଏଥିରେ ନିଜେ ହସନ୍ତୁ, ଅନ୍ୟମାନଙ୍କୁ ହସାନ୍ତୁ । ନିଜେ ହସି ହସି ଜୀବନ ଜୀଅଁନ୍ତୁ ଏବଂ ଅନ୍ୟମାନଙ୍କୁ ବି ହସି ହସି ବଞ୍ଚିବାର ପ୍ରେରଣା ଦିଅନ୍ତୁ । ହସି ହସି ବଞ୍ଚିବାର କଳା ଜୀବନର ଏକ ଅମୂଲ୍ୟ କଳା । ଏହି କଳାକୁ ନ ଜାଣିବା କାରଣରୁ ହିଁ ମଣିଷ ଦୁଃଖୀ, ସନ୍ତପ୍ତ, ବିଷାଦଗ୍ରସ୍ତ ଓ ବିକ୍ଷିପ୍ତପରି ଜୀବନ ଜୀଇଁଥାଏ । ଯିଏ ହସି ହସି ବଞ୍ଚେ, ଯୋଗ, ବ୍ୟାୟାମ, ଧାନ- ପ୍ରାଣାୟାମାଦି କରେ, ତା'ର ଶରୀର ସୁସ୍ଥ, ମନ ପ୍ରସନ୍ନ, ବ୍ୟକ୍ତିତ୍ୱ ଆକର୍ଷକ ଓ ଆତ୍ମା ପ୍ରଫୁଲ୍ଲିତ ରହେ । ସେ ଯେଉଁଠାକୁ ଗଲେ ବି ସେଠାକାର ପରିବେଶ ସରସ ହୋଇଯାଏ । ହସୁଥିବା ଲୋକ ସାଥିରେ ସମସ୍ତେ ପ୍ରସନ୍ନତା ଅନୁଭବ କରନ୍ତି । କିନ୍ତୁ ଦୁଃଖୀ, ବିଷାଦଗ୍ରସ୍ତ, ବ୍ୟତିବ୍ୟସ୍ତ ମନସ୍ଥିତିର ଲୋକଠାରୁ ଲୋକେ ଦୂରେଇ ରହିଥାନ୍ତି । ଯେଉଁ ପରିବାରରେ ହସ ପରିହାସ ହୁଏ ନାହିଁ, ସେଠାରେ କୁବେରର ସମ୍ପତ୍ତି ଥିଲେ ବି ଦରିଦ୍ରତାର ଦୈନ୍ୟ ପରିବେଶ ରହିଥାଏ । ନିଜ ଆଖପାଖରେ ଆଖି ପକାଇ ଦେଖିଲେ ଏଭଳି ଦୃଶ୍ୟ ସହଜରେ ଦେଖି ପାରିବେ ଯେ, ହସୁଥିବା ପରିବାରରେ ସୁଖ ଏବଂ କଳହ କରୁଥିବା ଜାଗାରେ ଦୁଃଖ ଛାଇ ରହିଥାଏ । ଏଥିରୁ ଶିକ୍ଷା ନେବା ଉଚିତ । ହର୍ଷୋଲ୍ଲାସପୂର୍ଣ୍ଣ ମନସ୍ଥିତି ହିଁ ମଣିଷର ସହଜ ସ୍ୱାଭାବିକ ଅବସ୍ଥା । ପ୍ରସନ୍ନତା ଆତ୍ମାର ପ୍ରସାଦ । ପରମାତ୍ମାଙ୍କ ମନ୍ଦିରକୁ ଗଲେ ଭକ୍ତି ଭାବନାସହ ଆନ୍ତରିକ ପ୍ରସନ୍ନତା ବି ହେବା ଉଚିତ । ଏହା କାମନା, ବାସନା, ଲୋଭ ମୋହାଦିକୁ ତ୍ୟାଗ କଲେ ହିଁ ସମ୍ଭବ । ବାସ୍ତବରେ ପ୍ରସନ୍ନତା ନିର୍ଦ୍ଦୋଷ ମନସ୍ଥିତିରେ ହିଁ ଆସେ ।

ବର୍ଷ ୨୭, ସଂଖ୍ୟା- ୧୭, ୨୩ - ୨୯ ଏପ୍ରିଲ ୨୦୨୩

# ଶାନ୍ତିର ସହରକୁ ଅଶାନ୍ତ କରୁଛି କିଏ ?

ସମ୍ବଲପୁର ଏକ ଭାଇଚାରାର ସହର । ଏଠାରେ ଶହ ଶହ ବର୍ଷ ଧରି ବିଭିନ୍ନ ଧର୍ମାବଲମ୍ବୀ ଲୋକେ କାନ୍ଧକୁ କାନ୍ଧ ମିଳାଇ ପରସ୍ପରର ସୁଖଦୁଃଖରେ ସାମିଲ ହୋଇ ଶାନ୍ତିର ସହ ରହି ଆସୁଛନ୍ତି । ବିଭିନ୍ନ ଧର୍ମର ପର୍ବପର୍ବାଣି, ଯାନିଯାତ୍ରା, ଭୋଜିଭାତ ଆଦି ପାରସ୍ପରିକ ଅକୁଣ୍ଠ.ସାହାଯ୍ୟ, ସହଯୋଗରେ ବେଶ ଧୁମ୍‌ଧାମ୍‌ରେ ପାଳିତ ହୋଇଥାଏ । ଏହା ଏଭଳି ସ୍ଥାନ ଯେଉଁଠି ହିନ୍ଦୁ ପରିବାରରୁ ମୁସଲମାନ ସଂପ୍ରଦାୟର ତାଜିଆ ଶୋଭାଯାତ୍ରା ବାହାରେ ଏବଂ ମୁସଲମାନ ଲୋକେ ଶ୍ରୀଜଗନ୍ନାଥଙ୍କ ରଥ ଉପରେ ଛେରାପହଁରା କରନ୍ତି । ତେବେ ଏଭଳି ଏକ ମହାନ ସଂସ୍କୃତିସମ୍ପନ୍ନ ଶାନ୍ତ ସହର ହାତଗଣତି କିଛି ଅସମାଜିକ ତତ୍ତ୍ୱଙ୍କ ଲାଗି କ୍ରମଶଃ ଅଶାନ୍ତ ହେବାରେ ଲାଗିଛି ।

ଗତ ୧୨ ତା ରିଖରେ ହନୁମାନ ଜୟନ୍ତୀ ବାଇକ୍ ଶୋଭାଯାତ୍ରାରୁ ସୃଷ୍ଟ ଗଣ୍ଡଗୋଳ ଓ ହିଂସାକୁ ନେଇ ସମ୍ବଲପୁର ଏବେ ଚର୍ଚ୍ଚାରେ । ଏହି ହିଂସାର ଆରମ୍ଭସ୍ଥଳ ମୋତିଝରନ୍, ସୁନାପାଲି ଓ ଭୁତାପଡ଼ା ଅଞ୍ଚଳ ଉପରେ ରହିଛି ସମସ୍ତଙ୍କ ନଜର । ଏହି ଅଞ୍ଚଳର ମୂଳନିବାସୀମାନେ ସମ୍ବଲପୁର ସହରରେ ସାଂପ୍ରଦାୟିକ ସଦ୍‌ଭାବ ତଥା ଶାନ୍ତିର ସହ ଏକାଠି ରହୁଥିଲେ । ସେମାନଙ୍କ ମଧରେ କୌଣସି ପ୍ରକାରର ବିଦ୍ୱେଷ ନଥିଲା । ହେଲେ ଗତ ଦୁଇ ତିନି ଦଶନ୍ଧି ମଧରେ ସମ୍ବଲପୁରକୁ ଆସିଥିବା ହଜାରହଜାର ବହିରାଗତ ଲୋକଙ୍କ ପାଇଁ ଏହି ଅଞ୍ଚଳ ଭୁସ୍ୱର୍ଗ ପାଲଟିଗଲା । ବାହାର ରାଜ୍ୟରୁ ଆସୁଥିବା ଲୋକଙ୍କ ମୁଣ୍ଡ ଗୁଞ୍ଜିବା ପାଇଁ ମୋତିଝରନ୍, ସୁନାପାଲି ସହଜ ଆଶ୍ରୟସ୍ଥଳ ପାଲଟିଲା । ସେଠାକାର କିଛି ସ୍ଥାନୀୟ ଲୋକ ବାହାର ଲୋକଙ୍କୁ ରହିବା ପାଇଁ ଭଡ଼ାସୂତ୍ରରେ ସ୍ଥାନ ଦେଲେ । ପରବର୍ତ୍ତୀ କାଳରେ ଏହି ବହିରାଗତ ଲୋକଙ୍କ ମଧରୁ ଅନେକ ଏଠାରେ ସ୍ଥାୟୀ ଭାବରେ ଆସ୍ଥାନ ଜମାଇଲେ । ଏହି କ୍ରମରେ କିଛି ଅସାମାଜିକ ତତ୍ତ୍ୱ ବି ବାହାରୁ ଆସି ସୁନାପାଲି, ମୋତିଝରନ୍ ଆଦି ଅଞ୍ଚଳରେ ମୁଣ୍ଡ ଗୁଞ୍ଜି ରହିଲେ । ପ୍ରାରମ୍ଭିକ ପର୍ଯ୍ୟାୟରେ ଏହି ଗୋଷ୍ଠୀର କିଛି ଲୋକ ବିଭିନ୍ନ ପ୍ରକାର ଛୋଟମୋଟ ବେପାର ଆରମ୍ଭ କରି ପରିବାର ପ୍ରତିପୋଷଣ କରିଥାନ୍ତି । ପରବର୍ତ୍ତୀ କାଳରେ ବିଭିନ୍ନ ବେଆଇନ ଚୋରା ବ୍ୟବସାୟ କରି ପ୍ରଚୁର ଅର୍ଥ ରୋଜଗାର କରିବା ସହ ଉକ୍ତ ଅଞ୍ଚଳରେ ନିଜର ଆଧିପତ୍ୟ ଜାହିର କରିଛନ୍ତି ।

ଅନେକ ସରକାରୀ ଜାଗାକୁ କବ୍‌ଜା କରି ନିଜର କୋଠାବାଡ଼ି ତିଆରି କରିଛନ୍ତି । ସେଥିରୁ କିଛି ଲୋକ ବହିରାଗତ ନିର୍ମାଣ ଶ୍ରମିକ ଗୋଷ୍ଠୀଙ୍କୁ ଆଶ୍ରୟ ଓ ସୁରକ୍ଷା ଦେଉଥିବା ପରିଲକ୍ଷିତ ହୋଇଛି । ଫଳରେ ସୁନାପାଲି ଅଞ୍ଚଳ ଏବେ ଏହି ବହିରାଗତଙ୍କ ପେଣ୍ଠସ୍ଥଳୀ ପାଲଟିଯାଇଛି । ଉକ୍ତ ଲୋକମାନେ ନିଜ ଆଧିପତ୍ୟ ଜାହିର ପାଇଁ କ୍ରମଶଃ ଅପରାଧିକ ତତ୍ତ୍ୱମାନଙ୍କୁ ବି ପ୍ରୋତ୍ସାହିତ କରୁଥିବା ବିଭିନ୍ନ ସମୟରେ ଅଭିଯୋଗ ହୋଇଆସୁଛି । ଉକ୍ତ ଅଞ୍ଚଳରେ ଚୋରାକାଠରୁ ଆରମ୍ଭ କରି କୋରେକ୍ସ, ନିଶାଦ୍ରବ୍ୟ, ଗଂଜେଇ ଓ ଚୋରା ଅସ୍ତ୍ରଶସ୍ତ୍ର ଭଳି ବେଆଇନ କାରବାର ବୃଦ୍ଧି ପାଇ ଚାଲିଛି । ଏହାଦ୍ୱାରା ଉକ୍ତ ଅଞ୍ଚଳରେ ପିଢ଼ିପିଢ଼ି ଧରି ରହି ଆସୁଥିବା ପୁରୁଖା, ଶାନ୍ତିପ୍ରିୟ ଲୋକେ କେବଳ ସମସ୍ୟା ଭୋଗୁନାହାନ୍ତି, ବରଂ ସମଗ୍ର ସହର ଉପରେ ବି ଏହାର କୁପ୍ରଭାବ ମଧ ଦିନକୁ ଦିନ ବଢିବାରେ ଲାଗିଛି । ବହିରାଗତ ଅଧିକାଂଶ ଲୋକ ସେଠାରେ ସରକାରୀ  ଜମି ଜବରଦଖଲ କରି ଘର' କରିଛନ୍ତି । କିଛିଲୋକ ଜବରଦଖଲ ଜମିରେ ଛୋଟମୋଟ ଘର କରି ତାକୁ ବାହାରୁ ଆସୁଥିବା ନିର୍ମାଣ ଶ୍ରମିକ ଓ ଅନ୍ୟମାନଙ୍କୁ ଭଡ଼ାରେ ଲଗାଇ ଅର୍ଥ ଉପାର୍ଜନ କରୁଛନ୍ତି । ଏପରିକି କିଛିଲୋକ ବିଭିନ୍ନ ଉପାୟରେ ନିରୀହ ଆଦିବାସୀମାନଙ୍କ ଜମି ହାତଉଥିବା ବି ଅଭିଯୋଗ ହେଉଛି । ଏହାକୁ କେନ୍ଦ୍ର କରି ବିଭିନ୍ନ ସମୟରେ ଉକ୍ତ ଅଂଚଳରେ ଆଇନଶୃଙ୍ଖଳା ବ୍ୟାହତ ହେଉଛି । ଏବେ ସହରରେ ସୃଷ୍ଟ ଅଶାନ୍ତ ବାତାବରଣ ପଛରେ ମୁଖ୍ୟତଃ ସେହି ବହିରାଗତଙ୍କ ହାତଥିବା ଅଭିଯୋଗ ହୋଇଛି । ଏଭଳି ପରିସ୍ଥିତିରେ ପ୍ରଶାସନ ଉକ୍ତ ଅଞ୍ଚଳରେ ରହୁଥିବା ବାହାର ଲୋକଙ୍କ ଉପଯୁକ୍ତ ପରିଚୟ ରେକର୍ଡଭୁକ୍ତ କରିବା ଜରୁରୀ ବୋଲି ସହରର ସଚେତନ ନାଗରିକ ମହଲ ବିଭିନ୍ନ ସମୟରେ ଦାବି କରିଆସୁଛନ୍ତି ।

ଖାସ୍ କରି ପଶ୍ଚିମବଙ୍ଗ, ବିହାର ଓ ବାଂଲାଦେଶରୁ ଆସୁଥିବା ଲୋକଙ୍କର ପରିଚୟ ଧନୁପାଲି ଥାନାରେ ରହିବା ଜରୁରୀ । ଅନେକ ଏଠାକୁ ଆସି ସ୍ଥାନୀୟ ପରିଚୟପତ୍ର କରାଇ ନେଉଛନ୍ତି । ସେମାନଙ୍କୁ ସେଥିରୁ ରୋକାଯିବା ଆବଶ୍ୟକ । ଯେଉଁମାନଙ୍କ ନାମରେ କୌଣସି ଅପରାଧିକ ରେକର୍ଡ ରହିଛି ସେମାନଙ୍କ ଉପରେ ସତର୍କ ନଜର ରହିବା ଓ କାର୍ଯ୍ୟାନୁଷ୍ଠାନ ହେବା ଦରକାର ବୋଲି ମତପ୍ରକାଶ ପାଇଛି । ତେବେ କେବଳ ଗୋଟିଏ ନିର୍ଦ୍ଦିଷ୍ଟ ଗୋଷ୍ଠୀ ନୁହେଁ, ପେଟପାଟଣା ନାଁରେ ରାଜ୍ୟ ବାହାରୁ ସହରକୁ ଆସି ବିଭିନ୍ନ ବେଆଇନ ଓ ଅସାମାଜିକ କାର୍ଯ୍ୟକଳାପରେ ଲିପ୍ତ ରହୁଥିବା ସମସ୍ତ ଲୋକଙ୍କୁ ତୁରନ୍ତ ଠାବ କରି ସେମାନଙ୍କୁ ତଡ଼ିପାର କରାଯିବାର ଜରୁରି ଆବଶ୍ୟକତା ରହିଛି ବୋଲି ଦଳମତ ନିର୍ବିଶେଷରେ ସହରବାସୀ ଦାବି କରୁଛନ୍ତି ।  ବିଳମ୍ବରେ ହେଲେ ବି ପୁଲିସ୍, ପ୍ରଶାସନ ଏ ଦିଗରେ ମୁଣ୍ଡ ଖେଳାଇବା ଆରମ୍ଭ କରିଛି । ସରକାରୀ ଜମିରେ ଘର କରି ବେଆଇନ କାର୍ଯ୍ୟ ଓ ହିଂସାରେ ଲିପ୍ତଥିବା ଲୋକଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ହେବ ଓ ଘର ଭଙ୍ଗାଯିବ ବୋଲି ସମ୍ବଲପୁର ଏସ୍‌ପିଙ୍କ ବୟାନ ଏହାକୁ ଇଂଗିତ କରୁଛି । ଅନ୍ୟ ସରକାରୀ ପ୍ରତିଶ୍ରୁତି ଭଳି କେବଳ ପ୍ରତିଶ୍ରୁତିରେ ରହି ନଯାଇ ଏହି କାର୍ଯ୍ୟାନୁଷ୍ଠାନ ତୁରନ୍ତ ଆରମ୍ଭ ହେଉ ଏବଂ ସହରରେ ପୂର୍ବର ଭାଇଚାରା ଓ ଶାନ୍ତି ବାହାଲ ହେଉ ।

# ପୁସ୍ତକଜ୍ଞାନ କିଛି ନାହିଁ

## ମହାତ୍ମା ଗାନ୍ଧୀ



ମୋ' ସୀମାଗୁଡିକୁ ମୁଁ ସ୍ୱୀକାର କରୁଛି । ମୋ'ର ଉଲ୍ଲେଖଯୋଗ୍ୟ କୌଣସି ବିଶ୍ୱବିଦ୍ୟାଳୟ ଶିକ୍ଷା ନାହିଁ । ହାଇସ୍କୁଲରେ ମଧ ମୁଁ ସାଧାରଣଙ୍କ ଠାରୁ ଆଦୌ ଉପରେ ନ ଥିଲି । ପରୀକ୍ଷାରେ ପାସ୍ କରିପାରିଲେ ହିଁ ମୁଁ ଭାଗ୍ୟ ପାଖରେ କୃତଜ୍ଞ ହୋଇ ରହୁଥିଲି । ବିଦ୍ୟାଳୟରେ ଶିକ୍ଷାଗତ କୌଣସି ବିଶେଷ କୃତିତ୍ୱ ଅର୍ଜନ କରିବା ସର୍ବଦା ମୋ' ଉଚ୍ଚାକାଂକ୍ଷାର ବାହାରେ ହିଁ ରହିଥିଲା ।

ପାଠ ପଢ଼ିବା ସମୟରେ ମୁଁ ପାଠ୍ୟ ପୁସ୍ତକ ବାହାରେ ବସ୍ତୁତଃ ଆଉ କିଛିହେଲେ ପଢ଼ି ନ ଥିଲି ଏବଂ ସକ୍ରିୟ ଜୀବନରେ ପ୍ରବେଶ କରିବା ପରେ ପୁସ୍ତକ ପଢ଼ିବା ଲାଗି ମୋ' ପାଖରେ ପ୍ରାୟ କୌଣସି ସମୟ ନ ଥିଲା । ତେଣୁ, ମୁଁ ପୁସ୍ତକ ପଢ଼ି ଖୁବ୍ ବେଶୀ ଜ୍ଞାନ ଅର୍ଜନ କରିଛି ବୋଲି କଦାପି ଦାବି କରିପାରିବି ନାହିଁ । ଅବଶ୍ୟ ଏକଥା ସତ, ବାଧ ହୋଇ ଏହିସବୁ ପ୍ରତିବନ୍ଧକର ସମ୍ମୁଖୀନ ହୋଇଥିବା ହେତୁ ମୁଁ ଖୁବ୍‌ବେଶୀ ହରାଇ ନାହିଁ ବୋଲି ମଧ ବିଶ୍ୱାସ କରୁଛି । ବରଂ ଅନ୍ୟ ପକ୍ଷରେ ମୁଁ ଯେତିକି ପଢ଼ିଥିଲି, ଏହି ଅଳ୍ପ ପଢ଼ିବା ସେଗୁଡିକୁ ଉତ୍ତମ ରୂପେ ହଜମ କରିବା ପାଇଁ ସମର୍ଥ କରିଛି ବୋଲି କୁହାଯାଇପାରେ ।

ଏହି ପୁସ୍ତକଗୁଡିକ ଭିତରୁ 'ଅନଟୁ ଦିସ୍ ଲାଷ୍ଟ' ନାମକ ଗୋଟିଏ ପୁସ୍ତକ ଅତ୍ୟନ୍ତ ପ୍ରତ୍ୟକ୍ଷ ଭାବରେ ମୋ' ଜୀବନରେ ଏକ ବାସ୍ତବ ରୂପାନ୍ତର ସମ୍ଭବ କରାଇ ପାରିଛି । 'ସର୍ବୋଦୟ' ଶୀର୍ଷକରେ ମୁଁ ପରେ ଗୁଜରାଟୀ ଭାଷାରେ ତାହାର ଅନୁବାଦ କରିଛି । ମୁଁ ଭାବୁଛି ଯେ, ଶ୍ରୀଯୁକ୍ତ ରସ୍କିନ୍‌ଙ୍କ ଦ୍ୱାରା ଲିଖିତ ଏହି ମହାନ୍ ପୁସ୍ତକଟିରେ ମୋ' ନିଜ ଜୀବନର କେତୋଟି ଗଭୀରତମ ସଂପ୍ରତ୍ୟୟ ପ୍ରତିଫଳିତ ହୋଇ ରହିଥିଲା ଏବଂ ସେହି କାରଣରୁ ହିଁ ଏହା ମୋତେ ଏପରି ଭାବରେ ଅଭିଭୂତ କରି ଦେଇଥିଲା ଓ ମୋ' ଜୀବନରେ ଏକ ରୂପାନ୍ତର ଘଟାଇ ପାରିଲା ।

ସେତେବେଳେ ମୁଁ ଦକ୍ଷିଣ ଆଫ୍ରିକାରେ ଥିଲି । ୧୯୦୪ ମସିହାର କଥା, ସେତେବେଳେ ମୋତେ ପଇଁତିରିଶ ବର୍ଷ ବୟସ ହୋଇଥାଏ, ରେଳରେ ବସି ଡରବାନ୍ ଯିବା ରାସ୍ତାରେ ମୁଁ ସେହି ବହିଟି ପଢ଼ିଥିଲି ଏବଂ ତାହାରି ଦ୍ୱାରା ମୁଁ ମୋ'ର ସମଗ୍ର ବାହ୍ୟ ଜୀବନଟିକୁ ବଦଳାଇ ଦେବାର ନିଷ୍ପତ୍ତି ଗ୍ରହଣ କଲି । ରସ୍କିନ୍‌ଙ୍କର କଥାଗୁଡିକ ମୋତେ ଅଭିଭୂତ କରି ଦେଇଥିଲା ଆଉ ଅନ୍ୟ କୌଣସି ଶବ୍ଦରେ ମୁଁ ସେ କଥାଟିକୁ ବ୍ୟକ୍ତ କରିପାରିବି ନାହିଁ । ମୁଁ ଗୋଟିଏ ପାଠରେ ବହିଟିକୁ ପଢ଼ି ଶେଷ କରିଦେଲି ଏବଂ ସେଦିନ ରାତିରେ ମୋତେ ଆଉ ନିଦ ସୁଦ୍ଧା ହେଲା ନାହିଁ ଓ ସେଠାରେ ସେହି ସମୟରେ ହିଁ ମୁଁ ମୋ' ଜୀବନର ସମଗ୍ର ଯୋଜନାଟିକୁ ବଦଳାଇ ଦେବାକୁ ନିଷ୍ପତ୍ତି କରିଥିଲି । ଅନେକ ଆଗରୁ ଟଲଷ୍ଟୟଙ୍କର ଲେଖା ପାଠ କରିଥିଲି । ସେ ମୋ'ର ଅନ୍ତର୍ଗତ ସତ୍ତାକୁ ଗଭୀର ଭାବରେ ପ୍ରଭାବିତ କରିଥିଲେ ।

ହୃଦୟର ପ୍ରକୃତ ଓ ପବିତ୍ର ଆକାଂକ୍ଷା ସର୍ବଦା ପୂର୍ଣ୍ଣ ହୋଇଥାଏ । ମୋ' ନିଜ ଅଭିଜ୍ଞତାରୁ କହିଲେ ଏହି କଥାଟି ଅଧିକାଂଶ ସମୟରେ ପ୍ରମାଣିତ ହୋଇଥିବାର ମୁଁ ଦେଖିବାକୁ ପାଇଛି । ଦରିଦ୍ରମାନଙ୍କର ସେବା କରିବା ମୋ' ହୃଦୟର ଆକାଂକ୍ଷା ହୋଇ ରହି ଆସିଛି ଏବଂ ସେହି ଆକାଂକ୍ଷାଟି ମୋତେ ସର୍ବଦା ଦରିଦ୍ରମାନଙ୍କ ପାଖରେ ଆଣି ପହଞ୍ଚାଇ ଦେଇଛି ଓ ସେମାନଙ୍କ ସହିତ ନିଜକୁ ଏକାତ୍ମ କରି ରଖିବା ନିମନ୍ତେ ମୋତେ ସମର୍ଥ କରାଇଛି ।

ଜୀବନ ସାରା ଦରିଦ୍ରମାନଙ୍କ ପ୍ରତି ମୋ'ର ପ୍ରଚୁର ପ୍ରେମ ରହି ଆସିଛି । ଏହା ଯେ ମୋ' ଭିତରେ ସହଜାତ ହୋଇ ରହିଥିଲା, ମୋ'ର ବିଗତ ଜୀବନରୁ ମୁଁ ତାହାର ଦୃଷ୍ଟାନ୍ତ ପରେ ଦୃଷ୍ଟାନ୍ତ ଆଣି ଦେଇପାରିବି । ଦରିଦ୍ର ଜନଗଣ ଆଉ ମୋ' ଭିତରେ କୌଣସି ପାର୍ଥକ୍ୟ ରହିଛି ବୋଲି ମୁଁ କେବେହେଲେ ଅନୁଭବ କରିନାହିଁ । ସେମାନଙ୍କୁ ମୁଁ ସର୍ବଦା ମୋର ଜ୍ଞାତି ଓ ପରିଜନ ପରି ଭାବି ଆସିଛି ।

ପୃଥିବୀରୂପକ ଏହି ନଶ୍ୱର ରାଜ୍ୟଟି ଲାଗି ମୋ'ର ଆଦୌ କୌଣସି ଲୋଭ ନାହିଁ । ମୁଁ ତ ସ୍ୱର୍ଗ ରାଜ୍ୟର ପ୍ରତିଷ୍ଠା ଲାଗି ସଂଗ୍ରାମ କରୁଛି ଓ ତାହାକୁ ମୋକ୍ଷ ବୋଲି ଜାଣିଛି । ମୋ'ର ଏହି ଲକ୍ଷ୍ୟଟିକୁ ପାଇବା ଲାଗି କୌଣସି ଗୁମ୍ଫାର ଆଶ୍ରୟ ଲୋଡିବାର କୌଣସି ଆବଶ୍ୟକତା ନାହିଁ । ମୋ' ନିଜ ସାଥିରେ ମଧ ଗୁମ୍ଫାଟିଏ ରହିଛି, ସେଇଟି ରହିଛି ବୋଲି ମୁଁ କେବଳ ଜାଣିପାରିଲେ ହେଲା ।

ଜଣେ ଗୁମ୍ଫାନିବାସୀ ତା' କଳ୍ପନାରେ ହୁଏତ କେତେ କେତେ ସୌଧ ନିର୍ମାଣ କରି ପାରିବ, ମାତ୍ର ଜନକଙ୍କ ପରି ଜଣେ ପ୍ରାସାଦବାସୀକୁ ସେପରି କୌଣସି ସୌଧ ନିର୍ମାଣ କରିବାକୁ ପଡିବ ନାହିଁ । ନିଜ ଭାବନାର ଡେଣା ଉପରେ ବସି ପୃଥିବୀଯାକ ଉଡି ବୁଲୁଥିବା ଗୁହାବାସୀ କଦାପି ଶାନ୍ତି ପାଏନାହିଁ । ମାତ୍ର ଜଣେ ଜନକ 'ବିଳାସ ଏବଂ ଆଡମ୍ବର' ଭିତରେ ବାସ କରୁଥିଲେ ମଧ ହୁଏତ ଅଭାବନୀୟ ଯଥାର୍ଥ ଶାନ୍ତିର ଅଧିକାରୀ ହୋଇପାରିବ ।

ମୋ' ନିଜ ଦେଶର ଏବଂ ତାହାରି ମାଧମରେ ମାନବଜାତିର ସେବାରେ କର୍ମରତ ରହିବାରେ ମୋ' ଲାଗି ମୁକ୍ତିର ମାର୍ଗଟି ପଡି ରହିଛି । ପୃଥିବୀରେ ଯାହା କିଛି ଜୀବନ ଧରି ରହିଛି ମୁଁ ସେହି ପ୍ରତ୍ୟେକଟି ସହିତ ନିଜକୁ ଏକାତ୍ମ କରି ରଖିବାକୁ ଇଚ୍ଛା କରୁଛି ।

ମୋ' ଜୀବନଟି ହେଉଛି ଏକ ଅବିଭାଜ୍ୟ ସମଗ୍ର ଜୀବନ ଏବଂ ମୋ'ର ଯାବତୀୟ କ୍ରିୟାଶୀଳତା ପରସ୍ପର ମଧକୁ ପ୍ରବିଷ୍ଟ ହୋଇ ରହିଛନ୍ତି । ମନୁଷ୍ୟଜାତି ପ୍ରତି ରହିଥିବା ମୋ'ର ଅତର୍ପଣୀୟ ପ୍ରେମରେ ହିଁ ସେହି ସବୁକିଛି କାର୍ଯ୍ୟକଳାପର ଉଦୟ ନିହିତ ହୋଇ ରହିଛି ।

ମୋତେ ଲୋକେ ଭୁଲଭାବରେ ଦେଖାଇବାକୁ ଇଚ୍ଛା  କରିବେ ମୁଁ ମୋ' ଜୀବନସାରା ଏଥିରେ ଅଭ୍ୟସ୍ତ ହୋଇ ଗଲିଣି । ପ୍ରତ୍ୟେକ ସାଧାରଣ କର୍ମୀର ଜୀବନରେ ତାହାହିଁ ଲେଖା ହୋଇ ରହିଥାଏ, ତା'ର ଚମ ଅତ୍ୟନ୍ତ ଟାଣ ହୋଇଥିବା ଆବଶ୍ୟକ, ଯଦି ପ୍ରତ୍ୟେକ ଭୁଲ ଧାରଣାକୁ ଜବାବ ଦେଇ ଦୂର କରିବାକୁ ପଡୁଥାନ୍ତା, ତେବେ ଜୀବନ ଅତ୍ୟନ୍ତ ଦୁର୍ବଳ ହୋଇ ଯାଆନ୍ତା । ତେଣୁ କେବଳ ମୋ'ର ଲକ୍ଷ୍ୟ ଦୃଷ୍ଟିରୁ ଏକ ସଂଶୋଧନ ଆବଶ୍ୟକ ନ ହେଉଥିଲେ ମୁଁ ନିୟମତଃ କୌଣସି ଭୁଲ ଧାରଣା ବା ମନ୍ତବ୍ୟରେ କୌଣସି କୈଫିୟତ ଦେଇ ନ ଥାଏ । ଏହି ନିୟମଟି ହେତୁ ମୋ'ର ଅନେକ ସମୟ ବଞ୍ଚି ପାରିଛି ଅନେକ ମୁଣ୍ଡବ୍ୟଥାରୁ ମଧ ରକ୍ଷା ମିଳିଯାଇଛି ।

ମୋତେ ପାଗଳ ବୋଲି କୁହାଯାଇଛି ନିଜର କୌଣସି ବିଚାରକୁ ନେଇ ମୁଁ ଜିଦଖୋର ହୋଇଯାଏ ବୋଲି କୁହାଯାଇଛି, ମୋତେ ଭାରି ଝୁଙ୍କୀ ବୋଲି କୁହାଯାଇଛି । ଏହି ସବୁ ସୁନାମ ଅର୍ଜନ କରିବା ବିଷୟରେ ମୁଁ ଯେ ଅବଶ୍ୟ ଉପଯୁକ୍ତ, ସେଥିରେ କୌଣସି ସନ୍ଦେହ ନାହିଁ । କାରଣ ମୁଁ ଯେଉଁଠାକୁ ଯାଏ ପଛକେ, ସେଠାରେ କେବଳ ଝୁଙ୍କୀ, ଜିଦଖୋର ଓ ପାଗଳମାନେ ହିଁ ମୋ ଆଡ଼କୁ ଅକୃଷ୍ଟ ଦେଉଛନ୍ତି ।

# ଆମ୍ବ ପାଣିରେ ପକାଇ ଖାଆନ୍ତୁ

ଫଳର ରାଜା ଆମ୍ବ । ଖରାଦିନ ଆସିବା ସହ ବଜାରରେ ପାଚିଲା ଆମ୍ବର ପସରା ବି ଦେଖାଗଲାଣି । ଗୁରୁତ୍ୱପୂର୍ଣ୍ଣ ଉତ୍ସ ଆମ୍ବ, ସ୍ୱାସ୍ଥ୍ୟ ସହ କେଶ ତଥା ତ୍ୱଚା ପାଇଁ ଖୁବ୍ ଉପଯୋଗୀ । ଫୋଲେଟ୍, ଭିଟାମିନ୍ କେ, ଭିଟାମିନ୍ ଇ' ତଥା କେତେକ ଭିଟାମିନ୍ ବି' ପରି ପୋଷକ ତତ୍ତ୍ୱ ସହ ଏଥିରେ ଆଣ୍ଟି-ଅକ୍ସିଡାଣ୍ଟ ଏବଂ ତନ୍ତୁ ମଧ ରହିଛି । ଏସବୁ ଶରୀରକୁ ଶକ୍ତି ଦେବା ସହ କୋଷ୍ଠକାଠିନ୍ୟ ପରି ସମସ୍ୟାରୁ ମୁକ୍ତି ଦେଇଥାଏ । ଖାଇବା ପୂର୍ବରୁ ଆମ୍ବକୁ ପାଣିରେ ଭିଜାଇ ଖାଇବା ଉପକାରୀ ବୋଲି ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ମତ ଦିଅନ୍ତି ।

ଆମ୍ବକୁ ଖାଇବା ପୂର୍ବରୁ କିଛି ସମୟ ଭିଜାଇ ରଖିଲେ ଏଥିରେ ଥିବା ଫାଇଟିକ୍ ଏସିଡ୍‌ର ପରିମାଣ ହ୍ରାସ ପାଏ । ଫଳରେ ଏହା ସ୍ୱାସ୍ଥ୍ୟକର ଖାଦ୍ୟ ହୋଇପାରେ ଏବଂ ପ୍ରାକୃତିକ ଚର୍ବି ନାଶକାରୀ ହୋଇଥାଏ । ଫାଇଟିକ୍ ଏସିଡ ଶରୀର ପାଇଁ ଭଲ ହୋଇପାରେ କିମ୍ବା ଖରାପ ମଧ ହୋଇପାରେ । ଏହା ଶରୀରକୁ ଲୌହ, ଜିଙ୍କ, କ୍ୟାଲ୍‌ସିୟମ ଆଦି ଅବଶୋଷଣ କରିବାକୁ ଦିଏନାହିଁ । ପାଣିରେ ଭିଜାଇବା ଦ୍ୱାରା ଆମ୍ବରୁ ଅତିରିକ୍ତ ଫାଇଟିକ୍ ଏସିଡ ଚାଲିଯାଏ ।

କିଛି ସମୟ ପାଣିରେ ଭିଜାଇବା ଦ୍ୱାରା ଆମ୍ବରୁ ଧୂଳି, ମାଟି ସହ ଏଥିରେ ଲାଗିଥିବା କୀଟନାଶକ ଏବଂ ଅନ୍ୟ ରାସାୟନିକ ତତ୍ତ୍ୱ ଧୋଇ ହୋଇଯାଏ । ଆମକୁ ଭିଜାଇବା ଦ୍ୱାରା ଏହାର ଫ୍ଲାଟୁଲେନ୍ସ ପରିମାଣ କମ୍ ହୋଇ ପେଟରେ ଗ୍ୟାସ୍ ହେବାକୁ ଦିଏନାହିଁ ।

ଆମ୍ବ ଖାଇବା ଦ୍ୱାରା ଅନେକ ସମୟରେ ଥର୍ମୋଜେନେସିସ୍ ପ୍ରକ୍ରିୟା ଯୋଗୁ ଶରୀରରେ ତାପ ସୃଷ୍ଟି ହୋଇଥାଏ । ଫଳରେ ହଜମ ପ୍ରକ୍ରିୟାରେ ସମସ୍ୟା ହୁଏ । ତେଣୁ ଆମକୁ କିଛି ସମୟ ପାଣିରେ ଭିଜାଇ ଖାଇଲେ ଡାଇରିଆ ତଥା ତ୍ୱଚା ସମସ୍ୟାରୁ ଦୂରେଇ ରହିହେବ ।



## ସ୍ୱର୍ବେଦ




ଶୁଦ୍ଧ ରୂପ ସେ ଶବ୍ଦ ମେଁ, ମନ ଵାଂଛିତ ସୁଖ ପାୟ ।
ଗତି ସ୍ୱତନ୍ତ୍ର ମନ ଭାଓ୍ୱନୀ, ମୁକ୍ତି ଦଶା ଓ୍ୱର ପାୟ ॥୧୦୧॥

ଭାଷ୍ୟ - ଆତ୍ମା ବିଦେହମୁକ୍ତ ଅବସ୍ଥାରେ ସ୍ୱତନ୍ତ୍ର ଏବଂ ମନୋବାଞ୍ଛିତ ମୁକ୍ତି ପ୍ରାପ୍ତ କରିଥାଏ । ନିଜ ଚେତନ ଶୁଦ୍ଧ ସ୍ୱରୂପରେ ଶବ୍ଦାନନ୍ଦକୁ ପ୍ରାପ୍ତକରି, ମନୋବାଞ୍ଛିତ ସୁଖ ପ୍ରାପ୍ତ କରିଥାଏ ।

ପରମ ହଂସ ପ୍ରଭୁ ମେଁ ରହେଁ, ଭକ୍ତି ସଦା ଲଓ୍ୱଲୀନ ।
ବନ୍ଧ ମୁକ୍ତ ଉନ କେଲ ହୈ, ସୋମ ପ୍ରେମ ରସ ଭୀନ ॥୧୦୨॥

ଭାଷ୍ୟ - ବିଶୁଦ୍ଧ ଆତ୍ମାଗୁଡ଼ିକ ପ୍ରେମ ଭକ୍ତିରେ ସର୍ବଦା ନିମଗ୍ନ ରହି ସୋମରସ ଆନନ୍ଦରେ ପରିପୂର୍ଣ୍ଣ ରହିଥାନ୍ତି । ସେମାନଙ୍କ ପାଇଁ ବନ୍ଧନ ଓ ମୁକ୍ତି ଉଭୟ କ୍ରୀଡ଼ା ମାତ୍ର ଅଟେ । ଜୀବନ୍ମୁକ୍ତ ଯୋଗୀର ଶରୀର ଛାଡ଼ି ମୁକ୍ତ ହୋଇଯିବା ଏକ ଖେଳ ସଦୃଶ ହୋଇଥିବା ବେଳେ ଇଚ୍ଛାନୁସାରେ ଅଥବା ପ୍ରଭୁ ପ୍ରେରଣାରୁ ଜଗତ କଲ୍ୟାଣ ନିମନ୍ତେ ସଂସାରରେ ପ୍ରକଟ ହେବା ମଧ୍ୟ ଏକ ଖେଳ ମାତ୍ର ଅଟେ । ଆତ୍ମା ସ୍ୱତନ୍ତ୍ର ହେବା ପରେ ନିଜ ଇଚ୍ଛାନୁକୂଳ ହୋଇ ସମସ୍ତ କାମକୁ ପୂର୍ଣ୍ଣ କରିପାରେ ।

ବିନ ଓ୍ୱାଣୀ ଭାଷଣ କରେ, ବିନୁ ପଗ ଚଲତ ଅପାର ।
କର ବିନୁ ପରମିତ କରମ ହୈ, ମାନସ ଦେହ ସମ୍ହାର ॥୧୦୩॥

ଭାଷ୍ୟ - ଜୀବାତ୍ମା ବିଦେହମୁକ୍ତିରେ ବାଣୀ ବିନା ଭାଷଣ, ପାଦ ବିନା ଗମନ, ହସ୍ତ ବିନା କର୍ମ ଆଦିକୁ ନିଜ ଚେତନ କରଣମାନଙ୍କ ଦ୍ୱାରା ସମ୍ପାଦିତ କରିଥାଏ । ମୁକ୍ତ ଅବସ୍ଥାରେ ପ୍ରାକୃତିକ ଜଡ଼ କରଣ ହୋଇ ନ ଥାଏ ।

ଚିତ୍ତ ବିନା ଚିନ୍ତନ କରେ, ମନନ ମନା ବିନ ହୋୟ ।
କରେ ଓ୍ୱିଵେଚନ ବୁଦ୍ଧି ବିନ, ହଂସ ମୁକ୍ତି ମହଁ ସୋୟ ॥୧୦୪॥

ଭାଷ୍ୟ - ଜୀବାତ୍ମା ମୁକ୍ତିରେ ଚିତ୍ତ ବିନା ଚିନ୍ତନ, ମନ ବିନା ମନନ ଆଉ ବୁଦ୍ଧି ବିନା ବିବେଚନା କରିଥାଏ ।

ପରମାନନ୍ଦ ସ୍ୱରୂପ ହୈ, ଇଚ୍ଛା ଜ୍ଞାନ ପ୍ରଯତ୍ନ ।
ଚାର ସିଦ୍ଧ ହୈ ମୁକ୍ତି ମେଁ, ଅନ୍ତର ଯୁକ୍ତି ସୁରତ୍ନ ॥୧୦୫॥

ଭାଷ୍ୟ - ଆନନ୍ଦ ଗୁଣ ବ୍ରହ୍ମର ହୋଇଥିବା ବେଳେ ବ୍ରହ୍ମାନନ୍ଦର ଉପଭୋଗ କଲାବେଳେ ଆନନ୍ଦ ଗୁଣ ଜୀବ ଭିତରେ ଆସିଯାଏ । ସେଥିପାଇଁ ଜ୍ଞାନ, ଇଚ୍ଛା, ପ୍ରଯତ୍ନ ଆଉ ଆନନ୍ଦ - ଏ ଚାରିଗୁଣ ମୁକ୍ତିରେ ରହିଥାନ୍ତି । ଯୋଗଜନ୍ୟ ମୁକ୍ତିରେ ଜୀବ ପରମାନନ୍ଦକୁ ପ୍ରାପ୍ତକରି ତଦ୍‌ସ୍ୱରୂପ ହୋଇଯାଏ ।

ବିନା ଇଚ୍ଛା ପରଯତ୍ନ ନହିଁ, ବିନ ଆନନ୍ଦ ନ ଚାହ ।
ଜ୍ଞାନ ଆନନ୍ଦ ପ୍ରଯତ୍ନ ହୈ, ଚହୁ ଇଚ୍ଛା ସେ ଆହ ॥୧୦୬॥

ଭାଷ୍ୟ - ଇଚ୍ଛା ବିନା ପ୍ରଯତ୍ନ ହୋଇ ନ ଥାଏ କିମ୍ବା ବିନା ଆନନ୍ଦରେ ଇଚ୍ଛା ମଧ୍ୟ ହୋଇ ନ ଥାଏ । ଜ୍ଞାନ, ଇଚ୍ଛା, ପ୍ରଯତ୍ନ ଆଉ ଆନନ୍ଦ - ଏ ଚାରୋଟିଯାକ ଅବସ୍ଥା ବିଦେହ ମୁକ୍ତିରେ ହୋଇଥାଏ ।

ଚେଷ୍ଟା ଚେତନ ଗୁଣ ଅହୈ, ପ୍ରାପ୍ତଭି ଚେଷ୍ଟା ହୋୟ ।
କେଓ୍ୱଲ ନହିଁ ଅପ୍ରାପ୍ତ କେ, ଚେତନ ଇଚ୍ଛା ସୋୟ ॥୧୦୭॥

ଭାଷ୍ୟ - ଚେଷ୍ଟା ଚେତନ ଗୁଣ ଅଟେ । କେବଳ ଅପ୍ରାପ୍ତ ବସ୍ତୁ ନିମନ୍ତେ ହିଁ ଚେଷ୍ଟା କରିବାକୁ ହୁଏ ନାହିଁ ପ୍ରାପ୍ତ ବସ୍ତୁ ନିମନ୍ତେ ମଧ୍ୟ ଚେଷ୍ଟା କରିବାକୁ ପଡ଼ିଥାଏ । ଇଚ୍ଛା ଚେତନର ସ୍ୱାଭାବିକ ଗୁଣ ଅଟେ ଯାହା ଏଥିରେ ସର୍ବଦା ରହିଥାଏ ।

ଜାହି ଦେହ ସେ କର୍ମ ହୈ, ଭୋଗ ହୋୟ ସୋଇ ଦେହ ।
ଦେହ ଓ୍ୱିଦେହ ନ ମୁକ୍ତି ହୈ, କର୍ମ ଭୋଗ ହୈ ଏହ ॥୧୦୮॥

ଭାଷ୍ୟ - ଯେଉଁ ଦେହରେ କର୍ମ ହୋଇଥାଏ, ସେ ଦେହ ଦ୍ୱାରା ଏ ଜନ୍ମରେ ଅବା ଜନ୍ମାନ୍ତରରେ ତାହାର ଭୋଗ ହୋଇଥାଏ । ଭୌତିକ କରଣମାନଙ୍କ ଦ୍ୱାରା ଆତ୍ମା ଯେଉଁସବୁ କର୍ମ କରିଥାଏ, ସେଗୁଡ଼ିକର ଭୋଗ ମଧ୍ୟ ପ୍ରାକୃତିକ ଶରୀର ଦ୍ୱାରା ହିଁ ହୋଇଥାଏ । ଦେହ ତ୍ୟାଗ ପରେ କର୍ମଭୋଗ ଛାଡ଼େ ନାହିଁ । କର୍ମର ଭୋଗ ଜନ୍ମାନ୍ତରରେ ମଧ୍ୟ ଭୋଗିବାକୁ ପଡ଼ିଥାଏ । ଅନେକ ଜନ୍ମର କର୍ମ ଭୋଗକୁ ଏହି ଶରୀରରେ ଜୀବାତ୍ମା ଭୋଗ କରିଥାଏ । କର୍ମର ଫଳ ଅବଶ୍ୟ ଭୋଗିବାକୁ ହୁଏ । ଏହା କର୍ମଭୋଗର ଅଟଳ ସିଦ୍ଧାନ୍ତ ଅଟେ ।

ଶୁଦ୍ଧ ରୂପ ସେ ଭକ୍ତି ହୈ, ଶୁଦ୍ଧ ରୂପ ସେ ହୋୟ ।
ଦୋନୌଁ ଜ୍ଞାନ ଅଧାର ହୈ, ଆତମ କା ଗୁଣ ସୋୟ ॥୧୦୯॥

ଭାଷ୍ୟ - ଆତ୍ମା ନିଜ ଚେତନ, ଶୁଦ୍ଧ କରଣ ଦ୍ୱାରା ଭକ୍ତି କରିଥାଏ ଆଉ ତାହାର ଉପଭୋଗ ମଧ୍ୟ ଶୁଦ୍ଧ ଚେତନ ସ୍ୱରୂପରେ କରିଥାଏ । ଉଭୟ ଧର୍ମ ଶୁଦ୍ଧ ଆତ୍ମା ଦ୍ୱାରା ହୋଇଥାଏ । ଆତ୍ମା ନିଜର ଚେତନ ସ୍ୱରୂପରେ ଭକ୍ତି ଏବଂ ପରମାନନ୍ଦର ଉପଭୋଗ କରିଥାଏ ।

ବନ୍ଧନ ପତନ ପ୍ରଓ୍ୱୃତ୍ତି ଓ୍ୱେ, କାରଣ ତୀନୌଁ ଜାନ ।
ସଦ୍‌ଗୁରୁ ସତ୍ସଙ୍ଗ କୀ, ଆଓ୍ୱଶ୍ୟକତା ଇନ ଜ୍ଞାନ ॥୧୧୦॥

ଭାଷ୍ୟ - ପତନ, ବନ୍ଧନ ଆଉ ପ୍ରବୃତ୍ତି ଏ ତିନିର କାରଣକୁ ସଦ୍‌ଗୁରୁ ଏବଂ ସତ୍ସଙ୍ଗ ଦ୍ୱାରା ଜାଣିବା ଆବଶ୍ୟକ ଅଟେ ।

ପତନ ହୋୟ ଅଜ୍ଞାନ ସେ, ପ୍ରଓ୍ୱୃତ୍ତି ଚାହ ସୁଖ ହୋୟ ।
କର୍ମ ସେ ବନ୍ଧନ ହୋତ ହେ, ଜ୍ଞାନ ହଂସ ମଣି ସୋୟ ॥୧୧୧॥

ଭାଷ୍ୟ - ଅଜ୍ଞାନତାରୁ ପତନ, ସୁଖର ଇଚ୍ଛାରୁ ପ୍ରବୃତ୍ତି ଆଉ କର୍ମରୁ ବନ୍ଧନ ଏବଂ ଜ୍ଞାନରୁ ଆତ୍ମା ନିଜ ଶୁଦ୍ଧ ହଂସ ସ୍ୱରୂପକୁ ପ୍ରାପ୍ତ କରି ପରମାନନ୍ଦକୁ ଉପଲବ୍ଧି କରି ପୂର୍ଣ୍ଣ ବିଜ୍ଞାନ ପ୍ରକାଶକୁ ପ୍ରାପ୍ତ କରେ ।

ଆପ୍ତ ଗୁରୁ ଉପଦେଶ ଜୋ ଜ୍ଞାନ ବୀଜ ନହିଁ ଜାୟ ।
ଦେଓ୍ୱ ସଦାଫଲ ସମୟ ସେ, ଉଦୟ ହୋୟ ଫିର ଆୟ ॥୧୧୨॥

ଭାଷ୍ୟ - ପୂର୍ଣ୍ଣ ବ୍ରହ୍ମନିଷ୍ଠ ସଦ୍‌ଗୁରୁ ଦ୍ୱାରା ପ୍ରଦତ୍ତ ଉପଦେଶର ସଂସ୍କାର ନଷ୍ଟ ହୁଏନାହିଁ । ସମୟ ଏବଂ କାଳ ପ୍ରାପ୍ତକରି ସଦ୍‌ଗୁରୁଙ୍କର ଜ୍ଞାନ-ବୀଜ ସଂସ୍କାର ପ୍ରକଟ ହୋଇଯାଏ । ସଦ୍‌ଗୁରୁଙ୍କର ଜ୍ଞାନ ସଂସ୍କାରର ବୀଜ ନଷ୍ଟ ହୁଏନାହିଁ । ସେଥିପାଇଁ ସଦ୍‌ଗୁରୁଙ୍କର ଅମୂଲ୍ୟ ବଚନକୁ ଗ୍ରହଣକରି ତାଙ୍କରି ଛତ୍ରଛାୟାରେ ଆଧ୍ୟାତ୍ମିକ ଶକ୍ତି ଉତ୍ପାଦନ କରିବା ଉଚିତ ।

॥ ଇତି ସ୍ୱର୍ବେଦ ଦ୍ୱିତୀୟ ମଣ୍ଡଳ, ଦଶମ ଅଧ୍ୟାୟ ଭାଷ୍ୟ ସମାପ୍ତ ॥

## ଔଷଧୀୟ ବେଲ



ବେଲ ଏକ ପବିତ୍ର ବୃକ୍ଷ, ଏହାର ପତ୍ରଠାରୁ ଆରମ୍ଭ କରି ଫଳ ପର୍ଯ୍ୟନ୍ତ ସ୍ୱାସ୍ଥ୍ୟ ପାଇଁ ବହୁ କାମରେ ଲାଗିଥାଏ ।

ବେଲ ପତ୍ର ଶିବଙ୍କର ପ୍ରିୟ, ଶିବଙ୍କ ଲିଙ୍ଗ ଉପରେ ୧୦୮ ବେଲ ପତ୍ର ଚଢ଼ାଇବା ଫଳରେ ଶିବ ସନ୍ତୁଷ୍ଟ ହୋଇ ବର ପ୍ରଦାନ କରନ୍ତି ।

ବେଲ ଗଛରେ ବ୍ରହ୍ମାବିଷ୍ଣୁ ମହେଶ୍ୱର ବାସ କରୁଥିବାରୁ ବେଲ ବୃକ୍ଷକୁ ପୂଜା କରାଯାଇଥାଏ ।

ବେଲ ପଣା ସଙ୍କଟମୋଚନ ହନୁମାନଙ୍କର ଅତି ପ୍ରିୟ । ତେଣୁ ଏହାର ପଣାକୁ ମହାବିଷୁବ ସଂକ୍ରାନ୍ତିରେ ଭୋଗ କରାଯାଇ ଭକ୍ତ ଓ ଶ୍ରଦ୍ଧାଳୁଙ୍କୁ ବଣ୍ଟନ କରାଯାଇଥାଏ ।

ବେଲ ସ୍ୱାସ୍ଥ୍ୟ ପାଇଁ ବହୁ ଉପକାରୀ । କଞ୍ଚା ବେଲକୁ ସିଝାଇ ଖାଇବା ଫଳରେ ପେଟ ରୋଗ ଦୂର ହୋଇଥାଏ ।

ବେଲ ପତ୍ରକୁ ସକାଳୁ ଖାଲି ପେଟରେ ଚୋବାଇ ଖାଇଲେ ବଦହଜମୀ ଓ ପେଟ ରୋଗ ଦୂର ହୋଇଥାଏ ।

ପାଚିଲା ବେଲ ଜୁସ୍ ପିଇବା ହୃଦରୋଗୀଙ୍କ ଷ୍ଟୋକ୍ ଆଶଙ୍କା ଦୂର କରିଥାଏ । ଏଥି ସହିତ ପିଲାଙ୍କ କୃମି ରୋଗ ନାଶ ହୋଇଥାଏ ।

ବେଲ ପତ୍ରକୁ ନିୟମିତ ଚୋବାଇ ଖାଇବା ଦ୍ୱାରା ପାଇଲିଆ ରୋଗ ଦୂର ହେବା ସହିତ ଦାନ୍ତ ମଜଭୁତ ହୋଇଥାଏ ।

ଗର୍ଭବତୀଙ୍କ ବାନ୍ତିକୁ ବନ୍ଦ କରିବାକୁ ଚାହୁଁଥିଲେ ପ୍ରତିଦିନ ବେଲ ପତ୍ର ଖାଆନ୍ତୁ । ଗ୍ରୀଷ୍ମ ଦିନରେ ଲୁ' କବଳରୁ ରକ୍ଷା ପାଇବା ପାଇଁ ବେଲ ପଣା ଉପଯୋଗୀ । ମାସିକ ଋତୁ ଅନିୟମିତା ଲାଗି ନିୟମିତ ପାଇଁ ପାଚିଲା ବେଲ ଖାଇବା ଉଚିତ ।

## ଟିକିଏ ହସନ୍ତୁ

ଇଂଲିଶ ଶିଖୁଥିବା ରାଧୁଆ ମନୋଜକୁ : ଆରେ ଭାଇ, ମତେ ଟିକେ 'ଆଇ ଆମ୍ ଗୋଇଂ'ର ମାନେ କ'ଣ କହିଲୁ ।

ମନୋଜ : ମୁଁ ଯାଉଛି ।

ରାଧୁଆ : ମୁଁ ଯାହାକୁ ପଚାରୁଛି ସିଏ ଖାଲି କହୁଛି ମୁଁ ଯାଉଛି' । ହେଲେ ତୁ ନ କହିବା ଯାଏଁ ତତେ ମୁଁ ଜମାରୁ ଯିବାକୁ ଦେବିନି ।

× × × × ×

ସ୍ତ୍ରୀ ସକାଳେ ଉଠୁ ଉଠୁ ମେକ୍‌ଅପ୍ ନେଉଥିବାର ଦେଖି ସ୍ୱାମୀ- ସକାଳୁ ସକାଳୁ କ'ଣ ମେକ୍‌ଅପ୍ ହେବାକୁ ବସିପଡ଼ିଲଣି ।

ସ୍ତ୍ରୀ : ତମେ ଚୁପ୍ ରୁହ । ମୁଁ ମୋ ଫୋନ୍ ଅନ୍ କରିବି । ସେଥିରେ ଫେସ୍ ଲକ୍ ପକେଇଥିଲି । ହେଲେ ଏବେ ସେ ଚିହ୍ନିପାରୁନି । ସେଥିପାଇଁ ମେକ୍‌ଅପ୍ ହେଉଛି ।

× × × × ×

ରାଜୁ ସାଙ୍ଗ ପାର୍ଟିରେ ମଦ ପିଇ ଆସିଥାଏ । ଘରେ ଲୁଚି ଲୁଚି ପଶିବା ପରେ ନିଜ ଲାପଟପ୍ ଖୋଲି ପଢ଼ିବା ଆରମ୍ଭ କରିଦେଲା ।

ବାପା ଦେଖି କହିଲେ : କ'ଣ ଆଜି ବି ପିଇକି ଆସିଛୁ ?

ରାଜୁ : ନାଇଁ ବାପା । ହେଇ ଦେଖନ୍ତୁ ମୁଁ ଲାପଟପ୍‌ରେ ପଢ଼ୁଛି ।



ବାପା : ତୁ ପିଇନୁ ଯଦି ଏଇ ସୁଟକେସ୍‌କୁ ଖୋଲି ପଢ଼ୁଛୁ କେମିତି ?

× × × ×

ସ୍ତ୍ରୀ: ଲାଗୁଛି ମୁଁ ଆଉ ବଞ୍ଚିବିନି ମରିଯିବି ।

ସ୍ୱାମୀ: ମୁଁ ବି ମରିଯିବି ।

ସ୍ତ୍ରୀ: ମତେ ତ ରୋଗ ହୋଇଛି ସେଥିପାଇଁ ମରିଯିବି । ହେଲେ ତୁମେ କ'ଣ ପାଇଁ ମରିବ ?

ସ୍ୱାମୀ: କାରଣ ମୁଁ ଏତେ ଖୁସି ବରଦାସ୍ତ କରିପାରିବିନି ।

× × × × ×

ସ୍ତ୍ରୀ: ମୁଁ ଯୋଉ କାମ କରେ ସେଥିରେ ପୂରା ବୁଡ଼ି ଯାଏ ।

ସ୍ୱାମୀ: କେତେ ଭଲ ହୋଇଥାନ୍ତା ତୁମେ ଯଦି କୂଅ ଖୋଳିଥାନ୍ତ ।

× × × × ×

ସ୍ୱାମୀ ଆଜି ଖାଇବାରେ କ'ଣ ହୋଇଛି ?

ସ୍ତ୍ରୀ: ଆଳୁ ତରକାରୀ କରୁଛି । ହେଲେ ମୁଁ ବୁଝିପାରୁନି ଆଳୁ ଏପର୍ଯ୍ୟନ୍ତ କ'ଣ ପାଇଁ ସିଝୁନି ?

ସ୍ୱାମୀ: ତା'ହେଲେ ତୁମେ ଗୋଟିଏ କାମ କର ?

ସ୍ତ୍ରୀ: କ'ଣ ?

ସ୍ୱାମୀ: କିଛି ସମୟ ଆଳୁ ସହିତ କଥା ହେଇ ଦେଖ କାଳେ ସିଝି ଯିବ ।

× × × × ×

ପପୁ: ପ୍ରଥମେ ମତେ ଲାଗୁଥିଲା ମୁଁ ସବୁ କାମ ଠିକ୍ କରୁଛି । ମୋ ଦ୍ୱାରା କିଛି ଭୁଲ କାମ ହେବନି ।

ଗପୁ: ହେଲେ ଏବେ କ'ଣ ଭୁଲ ହେଲା ।

ପପୁ: ମୋର ବାହାଘର ହୋଇଗଲା ।

# ରାମ ବନାମ ସୁଶାସନର ଅନୁଚିନ୍ତା

**ଗୋପୀନାଥ ଷଡ଼ଙ୍ଗୀ**

ଜଣେ ରାଜା କେବଳ ରାଜ୍ୟ ଶାସନ କଲେ ପ୍ରକୃତ ରାଜା ହୋଇଯାଏ ନାହିଁ । ସର୍ବ ପ୍ରଥମେ ସେ ଦୈବୀଗୁଣ ସମ୍ପନ୍ନ ହୋଇ ନିରପେକ୍ଷ ବିଚାର କରି ପ୍ରଜାମାନଙ୍କର ପ୍ରିୟ ଭାଜନ ନେବା ଉଚିତ । ପ୍ରଭୁ ରାମଚନ୍ଦ୍ରଙ୍କ ସଦୃଶ୍ୟ ରାଜ୍ୟର ହିତ ପାଇଁ ସମସ୍ତ ବ୍ୟକ୍ତିଗତ ସମିତି ଏବଂ ଦରକାର ପଡ଼ିଲେ ନିଜ ସ୍ତ୍ରୀକୁ ମଧ୍ୟ ତ୍ୟାଗ କରିବାକୁ ପଡ଼ିବ । ରାଜାର ଧର୍ମ ହେଲା ପ୍ରତ୍ୟହ ଅନ୍ତଃପୁର ବାସୀଙ୍କ ଅଭାବ, ଅସୁବିଧା ବୁଝିବା ଉଚିତ । ନ୍ୟାୟାନୁଯାୟୀ ଦୋଷୀକୁ ଦଣ୍ଡ ବିଧାନ କରିବା ଉଚିତ ।

ଦେବ ପୂଜନ ଓ ବ୍ରାହ୍ମଣମାନଙ୍କୁ ଦାନ ଦେବା ଉଚିତ । ନାରୀମାନେ ପତିବ୍ରତା ଧର୍ମ ପାଳନ କରୁଛନ୍ତି କି ନାହିଁ ନିରୀକ୍ଷଣ କରିବା ଉଚିତ । ଚାରି ବର୍ଣ୍ଣର ଲୋକେ ନିଜ ନିଜ କୌଳିକ ବୃତ୍ତି ସଂପାଦନ କରୁଛନ୍ତି କି ନାହିଁ ଜାଣିବା ଉଚିତ ।

ବୈଦ୍ୟମାନେ ଆୟୁର୍ବେଦ ତତ୍ତ୍ୱରେ ପାରଦର୍ଶିତା ଲାଭ କରିଛନ୍ତି ନା ନାହିଁ ଜାଣିବା ଉଚିତ ।

ବୃଦ୍ଧ ମନ୍ତ୍ରୀଙ୍କ କଥାପ୍ରତି ଗୁରୁତ୍ୱ ଦେବା ଉଚିତ ।

କୁଳବୃଦ୍ଧଙ୍କ ସେବାରେ ନିଜକୁ ନିୟୋଜିତ କରିବା ଉଚିତ । ରାଜ୍ୟ ପରିଷ୍କାର ପରିଚ୍ଛନ୍ନ ରଖିବା ଉଚିତ ।

ଗ୍ରୀଷ୍ମ ସମୟରେ ରାସ୍ତାରେ ପାଣିଛତ୍ର କରି ତୃଷାର୍ତ୍ତଙ୍କୁ ପଣା ପାଣି ଦାନ ତଥା ଦରିଦ୍ରଙ୍କୁ ଅନ୍ନଦାନ କରିବା ଉଚିତ । ଉପସଂହାରରେ ଏତିକି କୁହାଯାଇ ପାରେ ଯେ ଆଜିର ଶାସକ ମାନେ କେବଳ ରାମରାଜ୍ୟର ଦ୍ୱାହି ନ ଦେଇ ଏ ସମସ୍ତ କାର୍ଯ୍ୟ କଲେ ପୁଣି ରାମ ରାଜ୍ୟ ଫେରି ଆସିବ । କାହିଁକି ନ ରାମାୟଣ ଯୁଗରେ ଏ ସମସ୍ତ ନିୟମ ରାଜା ଦଶରଥ ଓ ପ୍ରଭୁ ରାମଚନ୍ଦ୍ର ପାଳନ କରୁଥିଲେ । ପ୍ରଜାମାନଙ୍କୁ ପ୍ରତ୍ୟହ ପାଳନ କରୁଥିବାରୁ ସେ ସମସ୍ତ ପ୍ରଜାଙ୍କର ପ୍ରିୟ ଭାଜନ ହୋଇ ପାରିଥିଲେ ।

**ପ୍ରଧାନ ପଡ଼ା, ନ୍ୟୁଏକଜିକ୍ୟୁଟିଭ୍ କଲୋନି, ବୁଢ଼ାରଜା**

## ଆଖୁ ରସ କେତେ ଉପକାରୀ ?

ଖରାଦିନେ ସୂର୍ଯ୍ୟଙ୍କ ପ୍ରଖର ଉତ୍ତାପରୁ ତଣ୍ଟି ଶୁଖିଗଲେ, ସେଥିରୁ ରକ୍ଷା ପାଇବା ପାଇଁ ଅନେକେ ବଜାରରେ ମିଳୁଥିବା କୋଲ୍ଡ଼ ଡ୍ରିଙ୍କ ପିଇଥାନ୍ତି । କିନ୍ତୁ ଏହା ପାଚିକୁ ସ୍ୱାଦ ଲାଗୁଥିଲେ ହେଁ ଶରୀର ପାଇଁ ଆଦୌ ଉପକାରୀ ହୋଇ ନଥାଏ । ତେଣୁ ଏଭଳି କ୍ଷେତ୍ରରେ ଶରୀରକୁ କୁଲ୍ ଫିଲିଙ୍ଗ୍ ଦେବା ପାଇଁ ଆମେ ଚାହିଁଲେ ବଜାରରେ



ମିଳୁଥିବା ଆଖୁ ରସକୁ ବି ଆରାମରେ ପିଇପାରିବା । ଏହା ପାଚିକୁ ଯେମିତି ସ୍ୱାଦ ଲାଗେ ଶରୀର ପାଇଁ ସେମିତି ଉପକାରୀ ମଧ୍ୟ ହୋଇଥାଏ । କାରଣ ଆଖୁରେ ଭରି ରହିଥିବା ପୋଟାସିୟମ୍ ପାଚନ କ୍ରିୟାକୁ ସକ୍ରିୟ କରିବା ସଙ୍ଗେ ସଙ୍ଗେ କୋଷ୍ଠକାଠିନ୍ୟ ସମସ୍ୟାରୁ ମୁକ୍ତି ଦେଇଥାଏ । ତା'ଛଡ଼ା ପେଟରେ ହେଉଥିବା ବିଭିନ୍ନ ପ୍ରକାର ସଂକ୍ରମଣରୁ ବି ଏହା ରକ୍ଷା କରିଥାଏ । ଖାସ୍‌କରି ଖରାଦିନେ ଗୋଟେ ଗ୍ଲାସ୍ ଆଖୁ ରସ ପିଇଦେଲେ ପେଟ ଥଣ୍ଡା ରହିବା ସହ ଶରୀରକୁ ଫୁର୍ତ୍ତି ଅନୁଭବ ହୋଇଥାଏ । ତ୍ୱଚାରେ ଚମକ ଆଣିବା ସହ ହୃଦ୍ ସମସ୍ୟାରୁ ମୁକ୍ତି ଦେବାରେ ବି ଏହା ବେଶ୍ ଉପକାରୀ ହୁଏ ।

# ପଇଡ଼ ପାଣିର ଉପକାରିତା

ପଇଡ ପାଣି ପିଇବା ଦ୍ୱାରା ଶରୀର ଫିଟ୍ ରହିଥାଏ । କାରଣ ଏଥିରେ ଅନ୍ୟ ଥଣ୍ଡାପାନୀୟ ଭଳି କାର୍ବନ ଡାଇଅକ୍ସାଇଡ କିମ୍ବା ସ୍ୱାସ୍ଥ୍ୟ ପ୍ରତି ହିତକର ଉପାଦାନ ବଦଳରେ ଭରିରହିଛି ପ୍ରଚୁର ପରିମାଣରେ ପୋଷକତତ୍ତ୍ୱ, ଯାହା ସ୍ୱାସ୍ଥ୍ୟ ପାଇଁ ଅମୃତ ।

**ବୃଦ୍ଧିକରେ ରୋଗ ପ୍ରତିରୋଧକ ଶକ୍ତି:** ଖରାଦିନେ ଝାଳ ଆକାରରେ ଶରୀରରୁ ପୋଟାସିଅମ୍, ଶ୍ୱେତସାର, କ୍ଲୋରାଇଡ୍, ମ୍ୟାଗ୍ନେସିଅମ୍ ଭଳି ବିଭିନ୍ନ ଉପାଦାନ କ୍ଷୟ ହେଉଥିବାରୁ ଅନେକଙ୍କଠାରେ ଡିହାଇଡ୍ରେସନ୍ ସମସ୍ୟା ଦେଖାଦେଇଥାଏ । ଏ ସମସ୍ତ ଉପାଦାନ ପଇଡ଼ ପାଣିରେ ଭରିରହିଛି । ତେଣୁ ଏହାକୁ ପିଇବା ଦ୍ୱାରା ଡିହାଇଡ୍ରେସନ୍ ସମସ୍ୟା ଦୂର ହେବା ସହ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ହୋଇଥାଏ । ତେଣୁ ଡାକ୍ତରମାନେ ମଧ ରୋଗୀଙ୍କୁ ପଇଡ଼ ପାଣି ପିଇବାକୁ ପରାମର୍ଶ ଦେଇଥାନ୍ତି ।

**ରୋଗଠୁ ଦୂରେଇ ରଖେ:** ପାଠପଢ଼ା, ଜବ୍, ଖେଳ କିମ୍ବା ଅନ୍ୟାନ୍ୟ କାର୍ଯ୍ୟ ଲାଗି ଖରାରେ ବାହାରକୁ ଯାଉଥିବା ଯୁବପିଢ଼ିଙ୍କ ଏହା ବେଶ୍ ଉପକାରୀ । କାରଣ ଏଥିରେ ପ୍ରଚୁର ମାତ୍ରାରେ ଆଣ୍ଟିଅକ୍ସିଡାଣ୍ଟ ଭରିରହିଛି, ଯାହା ସମସ୍ତ ପ୍ରକାରର ଅଣସଂକ୍ରାମକ ରୋଗ ଏବଂ ଲାଇଫ୍ ଷ୍ଟାଇଲ୍ ଡିଜଅର୍ଡର ରୋଗ ଦୂର କରିଥାଏ । ଏଥିରେ ବେଶୀ ମାତ୍ରାରେ ଇଲେକ୍ଟ୍ରୋଲାଇଟ୍ ଭରି ରହିଛି ଯାହାକୁ ପିଇବା ଦ୍ୱାରା ଖରାଦିନେ ହେଉଥିବା ପେଟ ଗରମ, ପରିସ୍ରାପୋଡ଼ା, ଇନ୍‌ଫେକ୍ସନ ଭଳି ସମସ୍ୟା ଦୂର ହୋଇଥାଏ ।



**ସନଟ୍ୟାନରୁ ଦିଏ ମୁକ୍ତି:** ପଇଡ଼ ପାଣି ପିଇବା ଯେତିକି ଉପକାରୀ ଏହାକୁ ତ୍ୱଚାରେ ଲଗାଇଲେ ସେତିକି ସୁଫଳ ମିଳିଥାଏ । ସୂର୍ଯ୍ୟକିରଣ ପ୍ରଭାବରୁ ସୃଷ୍ଟି ହେଉଥିବା ସନ୍‌ବର୍ନ ଏବଂ ଅନ୍ୟାନ୍ୟ ସମସ୍ୟା ଥିଲେ ପଇଡ଼ ପାଣି ଲଗାଇ ୨୦-୩୦ ମିନିଟ୍ ରଖିବା ପରେ ଧୋଇଦିଅନ୍ତୁ । ଏଥିରେ ଭରପୂର ମାତ୍ରାରେ ଥିବା ଆଣ୍ଟିଅକ୍ସିଡାଣ୍ଟ ଏବଂ ଭିଟାମିନ୍ ସି' ଏହି ସମସ୍ୟା ଦୂର କରିଥାଏ । ଏମିତିକି ହାତ଼ଫୁଟି, ବ୍ରଣ ଆଦିର ଦାଗ ଦୂର କରିବା ଲାଗି ମଧ ଏହା ବେଶ୍ ଉପକାରୀ ।

**ଦୂର କରେ ସ୍କିନ୍ ଇନ୍‌ଫେକ୍ସନ:** ହର୍ମୋନ୍ ପରିବର୍ତ୍ତନ, ଅସନ୍ତୁଳିତ ଖାଦ୍ୟାଭ୍ୟାସ, ଖରା, ପ୍ରଦୂଷଣ ଆଦି କାରଣରୁ ବର୍ତ୍ତମାନ ଅନେକ ଯୁବତୀଯୁବକଙ୍କଠାରେ ବ୍ରଣ ସମସ୍ୟା ଦେଖାଦେଉଛି, ଯାହାକୁ ଦୂର କରିବା ଲାଗି ପଇଡ଼ ପାଣି ଉପକାରୀ । ଏଥିରେ ଥିବା ଆଣ୍ଟି ଫଙ୍ଗାଲ୍ ଓ ଆଣ୍ଟି ମାଇକ୍ରୋବିଆଲ ଉପାଦାନ ବ୍ରଣ ଦୂର କରିବା ସହ ତ୍ୱଚାକୁ ଚିକ୍କଣ ଏବଂ ବେଦାଗ କରିଥାଏ ।

**ରୋକିଥାଏ ସମସ୍ୟା:** ପରିବର୍ତ୍ତିତ ଜୀବନଶୈଳୀ, ପ୍ରଦୂଷଣ ଭଳି ବିଭିନ୍ନ କାରଣରୁ ବର୍ତ୍ତମାନ ଯୁବାବସ୍ଥାରୁ ଅନେକଙ୍କଠାରେ ରିଙ୍କିଲ୍, ଫାଇନ୍ ଲାଇନ୍, ବ୍ଲାକ୍ ସ୍ପଟ୍ ଭଳି ବିଭିନ୍ନ ସମସ୍ୟା ସୃଷ୍ଟି କରୁଛି ; ଯାହାକୁ ପ୍ରାକୃତିକ ଉପାୟରେ ଦୂର କରିବା ଲାଗି ପଇଡ଼ ପାଣି ସବୁଠୁ ଭଲ । ପଇଡ଼ରେ ଥିବା ଲରିକ୍ ଏସିଡ୍, ଯାହାକୁ ଆଣ୍ଟି ମାଇକ୍ରୋବିଆଲ୍ ପାୱାରହାଉସ୍ ବୋଲି କୁହାଯାଇଥାଏ । ଏହା ସ୍କିନ୍ ଇନ୍‌ଫେକ୍ସନ ଦୂର କରିଥାଏ । ସେହିପରି ଏଥିରେ ଥିବା ସାଇଟୋକାଇନ୍ସ ନାମକ ପ୍ରୋଟିନ୍ କୋଷଗୁଡ଼ିକୁ ବୃଦ୍ଧି ଏବଂ କାର୍ଯ୍ୟକ୍ଷମ କରାଇବାରେ ସାହାଯ୍ୟ କରିଥାଏ ଯାହାକି ଏଜି ସମସ୍ୟା ହେବାକୁ ଦେଇ ନ ଥାଏ ।

## ଆପଣ ଜାଣନ୍ତି କି ?

- ସିଂହଳ (ଶ୍ରୀଲଙ୍କାର ଲୋକ), ଓଡ଼ିଶାର ସର୍ବ ପ୍ରାଚୀନ ରାଜା ଜୟ ସିଂହଙ୍କ ନାମରେ ନାମିତ ।
- ଓଡ଼ିଶାରେ ଥିବା ୨୩ ଫୁଟ୍ ଲମ୍ବର କୁମ୍ଭୀର ବିଶ୍ୱର ସବୁଠାରୁ ବଡ଼ କୁମ୍ଭୀର ଭାବେ ପରିଚିତ ।
- ସବୁଠାରୁ ବଡ଼ ସିଂହ ସଫାରୀ ଭାରତରେ ଥିବା ବେଳେ ବିଶ୍ୱର ଏକମାତ୍ର ଧଳା ବାଘ ସଫାରୀ ଓଡ଼ିଶାର ରାଜଧାନୀରେ ଥିବା ନନ୍ଦନକାନନଠାରେ ରହିଛି ।
- ବିଶ୍ୱର ଚତୁର୍ଥ ସର୍ବ ବୃହତ୍ ଡ୍ୟାମ ହୀରାକୁଦ ।
- ଚିଲିକା ଏସିଆର ସବୁଠାରୁ ବଡ଼ ଲବଣାକ୍ତ ହ୍ରଦ ଭାବେ ବିବେଚିତ । ଯାହାର ଲମ୍ବା ୯୧୬ ବର୍ଗ କି.ମି. ।
- ଓଡ଼ିଶାରେ ଅବସ୍ଥିତ କୋଣାର୍କ ମନ୍ଦିର ତ୍ରୟୋଦଶ ଶତାବ୍ଦୀରେ ନିର୍ମିତ । ଏଥିରେ ଥିବା ୧୨ ଯୋଡ଼ା ଚକ ଏଭଳି ଭାବରେ ଚିତ୍ରିତ କରାଯାଇଛି ଯାହା ବୈଜ୍ଞାନିକଙ୍କ ଦ୍ୱାରା ସ୍ଥାପିତ ହୋଇଥିବା ଭଳି ଦୃଶ୍ୟମାନ ହେଉଛି ।
- ସମ୍ବଲପୁରୀ ଶାଢ଼ୀ ହାତବୁଣା ପାଇଁ ଭାରତ ପ୍ରସିଦ୍ଧ । ଯାହାକୁ ସ୍ୱର୍ଗତଃ ଇନ୍ଦିରା ଗାନ୍ଧୀ ବ୍ୟବହାର କରିବା ପରେ ଏହା ବେଶ୍ ଆଦର ଲାଭ କରିଥିଲା ।
- ଓଡ଼ିଶାର ଦକ୍ଷିଣ ଚାନ୍ଦିପୁରରେ ଥିବା ହ୍ୱିଲର୍ ଦ୍ୱୀପରୁ ଭାରତର ବହୁତ ମିସାଇଲ ପରୀକ୍ଷଣ କରାଯାଇଛି । ଆକାଶ ମିସାଇଲ, ଅଗ୍ନି ମିଶାଇଲ, ପୃଥିବୀ ମିଶାଇଲ ସେଥିମଧ୍ୟରୁ ଅନ୍ୟତମ ।
- ହୀରାକୁଦ ପୃଥିବୀର ଦୀର୍ଘତମ ଡ୍ୟାମ୍ ହୋଇଥିବା ବେଳେ ଏସିଆର ସବୁଠାରୁ ବଡ଼ କୃତ୍ରିମ ହ୍ରଦ ।

# ସୁସ୍ଥ ଶରୀର ପାଇଁ ମହୁ

ବହୁ ଲାଭଦାୟକ ଅଟେ ମହୁ । ମହୁରେ ବିଭିନ୍ନ ଗୁଣ ଭରପୁର ହୋଇ ରହିଥାଏ । ଛୋଟ ଶିଶୁଙ୍କ ଠାରୁ ଆରମ୍ଭ କରି ପ୍ରାପ୍ତ ବୟସ୍କ ପର୍ଯ୍ୟନ୍ତ ସମସ୍ତେ ମହୁକୁ ବ୍ୟବହାର କରି ପାରିବେ । ମହୁରେ କାର୍ବୋହାଇଡ୍ରେଡ୍, ପ୍ରୋଟିନ୍, ଭିଟାମିନ୍-ବି, ସି, ଲୌହ, ମ୍ୟାଗ୍ନେସିୟମ୍, କ୍ୟାଲସିୟମ୍, ଫସ୍ଫରସ୍, ପୋଟାସିୟମ୍, ସୋଡିୟମ ଭଳି ବହୁ ମହତ୍ତ୍ୱପୂର୍ଣ୍ଣ ଭିଟାମିନ୍ ପ୍ରଚୁର ପରିମାଣରେ ରହିଅଛି ।

ମହୁରେ ଭିଟାମିନ୍, ଆମିନୋ ଏସିଡ୍, ପ୍ରୋଟିନ୍ ଏବଂ ଖଣିଜ ପଦାର୍ଥ ବିପୁଳ ପରିମାଣରେ ରହିଅଛି । ଯାହା ଶରୀର ପାଇଁ ବେଶ୍ ଉପକାରୀ ହୋଇଥାଏ ।

ମହୁରେ ଔଷଧୀୟ ଗୁଣ ରହିବା ସଙ୍ଗେ ସଙ୍ଗେ ସୌନ୍ଦର୍ଯ୍ୟ ବୃଦ୍ଧିରେ ମଧ ଏହାକୁ ବ୍ୟବହାର କରାଯାଇଥାଏ ।



ଛୋଟ ପିଲାଙ୍କ କାଶକୁ ଦୂର କରିବାକୁ ହେଲେ ଅଦାରସ ଏବଂ ଅଳ୍ପ ମହୁକୁ ଭଲ ଭାବରେ ମିଶାଇ ସେବନ କରିବାକୁ ଦିଅନ୍ତୁ । ଏହା ଦ୍ୱାରା ଆରାମ ମିଳିଥାଏ ।

ଯଦି ଶୁଖିଲା କାଶ ହେଉଛି ତେବେ ମହୁ ଏବଂ ଲେମ୍ବୁର ରସ ବ୍ୟବହାର କରନ୍ତୁ ଉପକାର ମିଳିବ ।

ଯଦି ଆପଣଙ୍କୁ ଅରୁଚି ଲାଗୁଥାଏ କିମ୍ବା ବାନ୍ତି ହେଉଥାଏ, ତେବେ ମହୁ ବ୍ୟବହାର କରନ୍ତୁ ।

ଆପଣ ଯଦି ନିଜର ଓଜନକୁ ବଢ଼ାଇବାକୁ ଚାହାନ୍ତି, ତେବେ ରାତିରେ ଶୋଇବା ପୂର୍ବରୁ କ୍ଷୀରରେ ଅଳ୍ପ ମହୁକୁ ମିଶାଇ ପିଅନ୍ତୁ ।

# କର୍କଟ ଦୂରକରେ କଦଳୀ ଚୋପା

ଆଜିର ବ୍ୟସ୍ତବହୁଳ ଜୀବନରେ ଲୋକେ ଫଳ ଓ ଜୁସ୍ ଖାଇବାକୁ ବହୁତ ପସନ୍ଦ କରନ୍ତି । କେବଳ ଫଳ ନୁହେଁ ବରଂ ଫଳ ଚୋପାରେ ମଧ ରୋଗ ଦୂରକାରୀ ଶକ୍ତି ରହିଥାଏ । ସେହିଭଳି କଦଳୀ ଚୋପାରେ ମଧ ରହିଥାଏ ରୋଗ ପ୍ରତିରୋଧକାରୀ ଶକ୍ତି । ତେବେ ଜାଣନ୍ତୁ ଚୋପା ଦେଇପାରେ କର୍କଟ ଭଳି ଦୁଃସାଧ ରୋଗରୁ ସୁରକ୍ଷା ।



**କଦଳୀ ଚୋପାର ଅଂଶ:** ପାଚିଲା କଦଳୀ ଚୋପାରେ ଲୁଟେନିନ୍ ରହିଛି, ଯାହା ଏକ ଆଣ୍ଟିଅକ୍ସିଡାଣ୍ଟ ଭଳି କାର୍ଯ୍ୟ କରିଥାଏ । ଏହ ସହ ଏଥିରେ ବହୁଳ ମାତ୍ରାରେ ମ୍ୟାଗ୍ନେସିୟମ୍, ପୋଟାସିୟମ ଓ ଫାଇବର ରହିଛି । କଦଳୀ ଚୋପାରେ ବହୁଳ ମାତ୍ରାର ଭିଟାମିନ୍ ବି-୬, ବି-୧୨ ମଧ ରହିଥାଏ ।

**ରୋଗ ପ୍ରତିରୋଧକାରୀ ଚୋପା:** ପାଚିଲା କଦଳୀ ଚୋପାରୁ ପ୍ରସ୍ତୁତ ଚା' ପିଇବା ଦେହ ପାଇଁ ହିତକର ହୋଇଥାଏ । ଏହା ଏକ ଆୟୁର୍ବେଦ ଔଷଧ ରୂପେ କାର୍ଯ୍ୟ କରିଥାଏ । ଏହି ଚା' ଦୈନନ୍ଦିନ ପିଇବା ଦ୍ୱାରା କୋଷ୍ଠକାଠିନ୍ୟ ଭଳି ସମସ୍ୟା ହୋଇ ନ ଥାଏ । ଏଥିରେ ଥିବା ପୋଟାସିୟମ ଓ ମ୍ୟାଗ୍ନେସିୟମ ଦ୍ୱାରା ଉଚ୍ଚ ରକ୍ତଚାପ ଓ ହୃଦଘାତକୁ ନିୟନ୍ତ୍ରଣ କରାଯାଇ ପାରିବ । ଏଥିରେ କିଛି ଫଟୋ କେମିକାଲ ରହିଥାଏ ଯାହା ଶରୀରରେ ଆଣ୍ଟିଅକ୍ସିଡାଣ୍ଟ ରୂପେ କାର୍ଯ୍ୟ କରିଥାଏ । ଏହି ଆଣ୍ଟିଅକ୍ସିଡାଣ୍ଟ ମାତ୍ରା ହେତୁ କର୍କଟ ଭଳି ଦୁସାଧ ରୋଗକୁ ନିୟନ୍ତ୍ରଣ କରାଯାଇପାରିବ । ତେଣୁ କଦଳୀ ଚୋପାରୁ ପ୍ରସ୍ତୁତ ଚା' ଏକ ମହୌଷଧ ରୂପେ କାର୍ଯ୍ୟକରିଥାଏ ।

**ପ୍ରସ୍ତୁତି:** ପ୍ରଥମେ ଏକ ପାତ୍ରରେ ପାଣି ଗରମ କରନ୍ତୁ । ଗରମ ପାଣିରେ କଦଳୀ ଚୋପା ପକାଇ ୧୦ ମିନିଟ୍ ଏହାକୁ ପାଣିରେ ଫୁଟାନ୍ତୁ । ଚୋପାଟି ଭଲ ଭାବରେ ଫୁଟିଯିବା ପରେ ସେଥିରେ ଡାଲଚିନି ଗୁଣ୍ଡ ପକାଇ ୨-୩ ମିନିଟ୍ ଘୋଡ଼ାଇ ଏହାକୁ ଏକ କପରେ ଛାଣି ସେଥିରେ ମହୁ ପକାଇ ପିଅନ୍ତୁ ।

# ଆଜ୍‌ମା ରୋଗୀଙ୍କ ପାଇଁ ଭିଟାମିନ୍ -ସି

ସାଧାରଣତଃ ଅଜ୍‌ମା ରୋଗୀ ଖାଦ୍ୟପେୟ ପ୍ରତି ଅଧିକ ସତର୍କ ରୁହନ୍ତି । ଯଦି ଏହି ରୋଗୀ ନିୟମିତ ବ୍ୟାୟାମ କରୁଥାଆନ୍ତି, ତେବେ ସେମାନେ ଭିଟାମିନ୍ ସି ଯୁକ୍ତ ଖାଦ୍ୟ ଅଧିକ ଖାଇଲେ ତାହା ସ୍ୱାସ୍ଥ୍ୟ ପ୍ରତି ଲାଭପ୍ରଦ ସାବ୍ୟସ୍ତ ହୋଇଥାଏ । ଆମେରିକୀୟ ଖାଦ୍ୟ ବିଶେଷଜ୍ଞମାନେ ଏକଥା ସଦ୍ୟତମ ଗବେଷଣାରୁ ଜାଣିବାକୁ ପାଇଛନ୍ତି । ଏଭଳି ସିଦ୍ଧାନ୍ତରେ ପହଞ୍ଚିବା ପୂର୍ବରୁ ସେମାନେ ୧୨୦୦ ଆଜ୍‌ମା ରୋଗୀରେ ଆକ୍ରାନ୍ତ ବ୍ୟକ୍ତିଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରିଥିଲେ । ସେମାନେ କେଉଁ ପ୍ରକାର ଖାଦ୍ୟ ଖାଉଛନ୍ତି ତାହାର ଏକ ତାଲିକା ପ୍ରସ୍ତୁତ କରାଯାଇଥିଲା । ଅପରପକ୍ଷରେ ଯେଉଁମାନେ ନିୟମିତ ବ୍ୟାୟାମ କରୁଛନ୍ତି ସେମାନେ କି କି ଖାଦ୍ୟ ଖାଉଛନ୍ତି ତାହାକୁ ମଧ ଗବେଷଣା ପରିସରଭୁକ୍ତ କରାଯାଇଥିଲା । ଏହି ସମୟରେ ସେମାନଙ୍କୁ ଭିଟାମିନ୍ -ସି' ଯୁକ୍ତ ଖାଦ୍ୟ ଅଧିକ ପରିମାଣରେ ଖାଇବାକୁ ପରାମର୍ଶ ଦିଆଯାଇଥିଲା । ଏଭଳି ଖାଦ୍ୟ ଖାଇବା ଦ୍ୱାରା ପ୍ରଦୂଷିତ ବାୟୁମଣ୍ଡଳର ଖରାପ ପ୍ରଭାବ ସେମାନଙ୍କ ସ୍ୱାସ୍ଥ୍ୟ ଉପରେ ପଡି ନ ଥାଏ ବୋଲି ଗବେଷଣା ରିପୋର୍ଟରେ ଉଲ୍ଲେଖ କରାଯାଇଛି ।

# କହିପାରିବେ କି ?

(୧) ଓଡ଼ିଶାର ପ୍ରଥମ ଖବର ଧର୍ମୀ ପତ୍ରିକାର ନାମ କ'ଣ ?
(୨) କେଉଁ ଦୈନିକ ଖବର କାଗଜ ଓଡ଼ିଶାରେ ପ୍ରଥମେ ପ୍ରକାଶ ପାଇଥିଲା ?
(୩) ପ୍ରଥମ ଓଡ଼ିଆ ସିନେମାର ନାମ କ'ଣ ?
(୪) ଗୋଟିଏ ଫୁଟବଲ ଦଳରେ କେତେଜଣ ଖେଳାଳୀ ଥାଆନ୍ତି ?
(୫) ଭୁଟାନ କେବେ ସ୍ୱାଧୀନ ହୋଇଥିଲା ?
(୬) ଭୁଟାନ ଦେଶ ନାମର ମାନେ କ'ଣ ?
(୭) ଭୁଟାନର କେଉଁ ସହରରେ ଟ୍ରାଫିକ୍ ପୋଷ୍ଟ ନାହିଁ ?
(୮) ନ୍ୟୁୟର୍କରେ ମୁକ୍ତିର ପ୍ରତୀକ ଷ୍ଟେଚ୍ୟୁ ଅଫ୍ ଲିବର୍ଟିର ନିର୍ମାଣ କାମ କେବେ ଆରମ୍ଭ ହୋଇଥିଲା ?
(୯) ଟାଇଟାନିକ ଚଳଚ୍ଚିତ୍ର କେତୋଟି ଓସ୍କାର ପୁରସ୍କାର ପାଇଥିଲା ?
(୧୦) ଟାଇଟାନିକ୍ ଜାହାଜ ବୁଡ଼ିଯିବା ଫଳରେ କେତେ ଜଣ ଯାତ୍ରୀଙ୍କ ମୃତ୍ୟୁ ହୋଇଥିଲା ?

## JUMBLE WORDS

| | | | |
|---|---|---|---|
| 1) WEYLN | = | 6) NAGTI | = |
| 2) TEAML | = | 7) TPIOEP | = |
| 3) KNIYSN | = | 8) TCLUEN | = |
| 4) ROAHUT | = | 9) FNUIT | = |
| 5) SOEMO | = | 10) PENOR | = |

ଏହି ସମସ୍ତ ପ୍ରଶ୍ନର ଉତ୍ତର ସଂପାଦକ, "ସ୍ୱୀକାର", ଲେବର କଲୋନୀ ମୁଦିପଡ଼ା, ସମ୍ବଲପୁରଙ୍କ ଠିକଣାରେ ପଠାଇବାକୁ ଅନୁରୋଧ । ସମସ୍ତଙ୍କ ଜାଣିବା ପାଇଁ ସମସ୍ତ ପ୍ରଶ୍ନର ଉତ୍ତର ଆସନ୍ତା ସଂଖ୍ୟାରେ ଦିଆଯିବ ।

**ଗତ ସଂଖ୍ୟାର କହିପାରିବେ କି ? ର ଉତ୍ତର :-**

୧.ଇଣ୍ଡସ୍ ନଦୀ, ୨.ଚୀନ୍, ୩.ମଧୁସୂଦନ ଦାସ, ୪.ଉପେନ୍ଦ୍ର ଭଞ୍ଜ, ୫.ରାଧାନାଥ ରାୟ, ୬.ପ୍ରକୃତି କବି, ୭.ଅତିବଡ଼ି, ୮.ସାରଳା ଦାସ, ୯.କବି ସୂର୍ଯ୍ୟ, ୧୦.ଲାଲା ଲଜପତରାୟ ।

***Jumble Words* ର ଉତ୍ତର :-**

(1) FORAGE (2) GROCER (3) PRIVY (4) GUARD (5) PARDON
(6) WORTHY (7) PRIME (8) CROWN (9) GROUCH (10) TYRANT

# ଓଡ଼ିଶାରେ ଟିକାକରଣ ହାର ଦେଶରେ ସର୍ବାଧିକ: ୟୁନିସେଫ୍

ଭୁବନେଶ୍ୱର : ଟିକାକରଣରେ ଓଡ଼ିଶା ଦେଶରେ ଏକ ଅଗ୍ରଣୀ ରାଜ୍ୟ । ଓଡ଼ିଶାରେ ଟିକାକରଣ କଭରେଜ୍ ୯୦.୫ ପ୍ରତିଶତ ରହିଛି । ଜାତୀୟ ପରିବାର ସ୍ୱାସ୍ଥ୍ୟ ସର୍ବେକ୍ଷଣ(ଏନ୍‌ଏଫ୍‌ଏଚ୍‌ଏସ୍)-୫ ଅନୁଯାୟୀ ଜାତୀୟସ୍ତରରେ ଟିକାକରଣ, ହାର ୭୬.୪ ପ୍ରତିଶତ ଥିବା ବେଳେ ରାଜ୍ୟରେ ତାହା ଯଥେଷ୍ଟ ଅଧିକ ରହିଛି ।

ସେହିପରି ସାରା ବିଶ୍ୱରେ ଟିକାକରଣ କ୍ଷେତ୍ରରେ ଭାରତ ହେଉଛି ଅଗ୍ରଣୀ ଦେଶ । କରୋନା ସମୟରେ ଯେତେବେଳେ ବିଶ୍ୱର ଅନେକ ଦେଶର ଭରସା ତୁଟିଥିଲା ସେତେବେଳେ ଭାରତ ଟିକାକରଣ ଉପରୁ ଟିକାକରଣକୁ ଅଧିକ ପ୍ରୋତ୍ସାହନ କରିଥିଲା । କେବଳ କୋଭିଡ ଟିକାକରଣ ନୁହେଁ ମିସନ୍ ଇନ୍ଦ୍ରଧନୁଷ ଜରିଆରେ ପିଲାଙ୍କୁ ମାଗଣାରେ ଟିକା ଦିଆଯାଇଥିଲା । ଏହାଦ୍ୱାରା ଦେଶରେ ଅନେକ ରୋଗ ନିୟନ୍ତ୍ରଣ ହୋଇପାରିଥିବା ୟୁନିସେଫ୍ ଇଣ୍ଡିଆ ପକ୍ଷରୁ 'ଦି ଷ୍ଟେଟ୍ ଅଫ୍ ଦି ଓ୍ୱାର୍ଲ୍ଡ ଚିଲଡ୍ରେନ ୨୦୨୩: ଫର ଏଗ୍ରିଚାଇଲ୍ଡ ଭ୍ୟାକସିନେସନ' ଶୀର୍ଷକ ରିପୋର୍ଟରେ କୁହାଯାଇଛି ।

ଲଣ୍ଡନ ସ୍କୁଲ୍ ଅଫ୍ ହାଇଜିନ୍ ଆଣ୍ଡ ଟ୍ରପିକାଲ୍ ମେଡିସିନ୍ ଦ୍ୱାରା ସଂଗୃହୀତ ଓ ୟୁନିସେଫ୍ ଦ୍ୱାରା ପ୍ରକାଶିତ ଦି ଭ୍ୟାକ୍ସିନ୍ କନଫିଡେନ୍ସ ପ୍ରକଳ୍ପର ନୂତନ ତଥ୍ୟକୁ ଆଧାର କରି ଏହି ରିପୋର୍ଟ ପ୍ରକାଶ ପାଇଛି । ପିଲାମାନଙ୍କ ପାଇଁ ଟିକାକରଣର ମହତ୍ତ୍ୱ ବିଷୟରେ ଅଧ୍ୟୟନ କରିଥିବା ବିଶ୍ୱର ୫୫ ଦେଶ ମଧ୍ୟରୁ କେବଳ ଚୀନ୍, ଭାରତ ଓ ମେକ୍ସିକୋରେ ଟିକା ଉପରେ ଲୋକଙ୍କ ଧାରଣା ଅଧିକ ଲୋକପ୍ରିୟ । ମାତ୍ର ରିପବ୍ଲିକ୍ ଅଫ କୋରିଆ, ପାପୁଆ ନ୍ୟୁ ଗିନି, ଘାନା, ସେନେଗାଲ ଓ ଜାପାନ ପରି ଦେଶରେ ମହାମାରୀ ଆରମ୍ଭ ପରେ ଟିକା ଉପରୁ ବିଶ୍ୱାସ ହ୍ରାସ ପାଇଛି । ବିଗତ ୩୦ ବର୍ଷ ମଧ୍ୟରେ ଶିଶୁଙ୍କ ଟିକାକରଣ ପ୍ରକ୍ରିୟାରେ ଲୋକଙ୍କ ଟିକା ଉପରୁ ବିଶ୍ୱାସ ହ୍ରାସ ପାଇଛି । ବିଶ୍ୱରେ ୨୦୧୯ ରୁ ୨୦୨୧ ମଧ୍ୟରେ ସମୁଦାୟ ୬.୭ କୋଟି ଶିଶୁ ଟିକାକରଣରୁ ବଞ୍ଚିତ ହୋଇଛନ୍ତି । ୧୧୨ଟି ଦେଶରେ ଟିକାକରଣ କଭରେଜ ହ୍ରାସ ପାଇଛି । ୨୦୨୨ରେ ମିଳିମିଳା ରୋଗ ସଂଖ୍ୟା ପୂର୍ବ ବର୍ଷ ତୁଳନାରେ ଦୁଇଗୁଣରୁ ଅଧିକ ଥିଲା । ପୋଲିଓ ଦ୍ୱାରା ପକ୍ଷାଘାତ ହୋଇଥିବା ଶିଶୁଙ୍କ ସଂଖ୍ୟା ୨୦୨୨ ତୁଳନାରେ ୧୬ ପ୍ରତିଶତ ବୃଦ୍ଧି ପାଇଥିଲା । ମହାମାରୀ ସମୟରେ ୨୦୨୦-୨୦୨୧ ମଧ୍ୟରେ ଶୂନ-ଡୋଜ (ଅପହଂଚ ବା ବଞ୍ଚିତ) ପିଲାଙ୍କ ସଂଖ୍ୟା ତିନି ନିୟୁତରେ ବୃଦ୍ଧି ହେବା ସତ୍ତ୍ୱେ ଭାରତ ବ୍ୟାକ୍ ସ୍ଲାଇଡକୁ ନିୟନ୍ତ୍ରଣ କରିବାରେ ସକ୍ଷମ ହୋଇଥିଲା । ସରକାରଙ୍କ ପକ୍ଷରୁ ଆରମ୍ଭ ହୋଇଥିବା ପ୍ରାୟୀ ପ୍ରମାଣ-ଆଧାରିତ କ୍ୟାଚ ଅପ୍ ଅଭିଯାନ, ମିସନ୍ ଇନ୍ଦ୍ରଧନୁଷ (ଆଇଏମ୍‌ଆଇ), ପ୍ରାଥମିକ ସ୍ୱାସ୍ଥ୍ୟ ସେବା, ଏକ ଶକ୍ତିଶାଳୀ ରୁଟିନ୍ ଟିକାକରଣ କାର୍ଯ୍ୟକ୍ରମ ଓ ଉତ୍ସର୍ଗୀକୃତ ସ୍ୱାସ୍ଥ୍ୟ କର୍ମୀଙ୍କ ପାଇଁ ଏହା ସମ୍ଭବ ହୋଇପାରିଛି ।

ଅପରପକ୍ଷରେ ଭାରତରେ ଦୃଢ଼ ନେତୃତ୍ୱ ଓ ବିଭିନ୍ନ କାର୍ଯ୍ୟକ୍ରମ ଦ୍ୱାରା ପିଲାଙ୍କୁ ଟିକା ପ୍ରଦାନ ସାରା ବିଶ୍ୱରେ ଉଦାହରଣ ସୃଷ୍ଟି କରିଛି । ଯାହାଫଳରେ ଭାରତ ଟିକାଦାନ କ୍ଷେତ୍ରରେ ସବୁଠାରୁ ଭରସାଯୋଗ୍ୟ ରାଷ୍ଟ୍ରର ମାନ୍ୟତା ପାଇଛି । ମହାମାରୀ ସମୟରେ ବି ପ୍ରତ୍ୟେକ ଶିଶୁଙ୍କ ଟିକାକରଣ ଦ୍ୱାରା ନିୟମିତ ଟିକାକରଣ ପ୍ରତି ଥିବା ବିଶ୍ୱାସକୁ ଆହୁରି ଦୃଢ଼ କରିବାରେ ସହାୟକ ହୋଇଛି ବୋଲି ୟୁନିସେଫ୍ ଇଣ୍ଡିଆର ପ୍ରତିନିଧି ସିନ୍ଥିଆ ମ୍ୟାକଫେ଼ କହିଛନ୍ତି । ମ୍ୟାକଫେ଼ କହିଛନ୍ତି ଯେ ଟିକାକରଣ ହେଉଛି ମାନବିକତାର ଅନ୍ୟତମ ଉଲ୍ଲେଖନୀୟ ସଫଳତାର କାହାଣୀ । ଟିକାକରଣ ପ୍ରତ୍ୟେକ ଶିଶୁଙ୍କ ପାଖକୁ ପହଞ୍ଚିବାର ଅର୍ଥ ହେଉଛି ସମାନତାର ଏକ ପ୍ରମୁଖ ସୂଚକ । ଭବିଷ୍ୟତର ମହାମାରୀକୁ ରୋକିବା, ରୋଗ ଓ ମୃତ୍ୟୁହାରକୁ ହ୍ରାସ କରିବା ପାଇଁ ନିୟମିତ ଟିକାକରଣ ଏବଂ ଦୃଢ଼ ସ୍ୱାସ୍ଥ୍ୟସେବା ପ୍ରଣାଳୀ ଆହୁରି ଭଲଭାବରେ ପ୍ରସ୍ତୁତ କରିପାରିବ ।

ଓଡ଼ିଶାର ଅପହଞ୍ଚ ଅଞ୍ଚଳରେ ପିଲାମାନଙ୍କୁ ଟିକାକରଣ କରିବା ପାଇଁ ପଞ୍ଚାୟତିରାଜ ବିଭାଗ ଓ ସ୍ୱୟଂ ସହାୟକ ଗୋଷ୍ଠୀ ମାଧ୍ୟମରେ ସ୍ଥାନୀୟ ଲୋକଙ୍କ ଅଂଶଗ୍ରହଣକୁ ଉତ୍ସାହିତ କରାଯାଇଥିଲା । ରାଜ୍ୟର ୩୦ଟି ଜିଲ୍ଲା ମଧ୍ୟରୁ ୨୦ଟି ଜିଲ୍ଲାରେ ପୂର୍ଣ୍ଣ ଟିକାକରଣ ହାର ୯୦ ପ୍ରତିଶତରୁ ଅଧିକ ରହିଛି । ପୂର୍ଣ୍ଣ ଟିକାକରଣକୁ ସୁନିଶ୍ଚିତ କରିବା ପାଇଁ ଏକ ସ୍ୱତନ୍ତ୍ର ଟିକାକରଣ ଅଭିଯାନ ମାଧ୍ୟମରେ ଆଶା ଓ ଆଙ୍ଗନବାଡି କର୍ମଚାରୀଙ୍କୁ ଅପହଞ୍ଚ ଅଞ୍ଚଳକୁ ଯାଇ ଟିକାକରଣ ପାଇଁ ପ୍ରୋତ୍ସାହିତ କରାଯାଇଥିଲା । ରାଜ୍ୟବ୍ୟାପୀ ଟିକାକରଣର କ୍ଷମତା ଓ ପ୍ରଭାବକୁ ବଜାୟ ରଖିବା ପାଇଁ ସରକାରଙ୍କ ଦକ୍ଷ ନୀତି ଓ ବ୍ୟବସ୍ଥା ଏକ ଉଚ୍ଚମାନର ଟିକାକରଣ କଭରେଜରେ ପ୍ରମୁଖ ଭୂମିକା ଗ୍ରହଣ କରିଛି ।

ମହାମାରୀ ବର୍ତ୍ତମାନର ଅସମାନତାକୁ ଆହୁରି ବଢ଼ାଇ ଦେଇଛି । ବିଶେଷକରି ଗରିବ, ଅସହାୟ ଓ ଉପେକ୍ଷିତ ବର୍ଗର ଅନେକ ଶିଶୁଙ୍କ ପାଇଁ ଟିକାକରଣ ସହଜ ହୋଇ ରହିନାହିଁ । ମହାମାରୀ ପୂର୍ବରୁ ମଧ୍ୟ ଟିକାକରଣରେ ଅଗ୍ରଗତି ପ୍ରାୟ ଏକ ଦଶନ୍ଧି ଧରି ଅଟକି ରହିଥିଲା । ଇଣ୍ଟରନ୍ୟାସନାଲ ସେଣ୍ଟର ଫର ଇକ୍ୱିଟି ଇନ୍ ହେଲଥ ଦ୍ୱାରା ଏକ ରିପୋର୍ଟରୁ ଜଣାପଡିଛି ଯେ ଗରିବ ପରିବାରରେ ପ୍ରତି ୫ ଜଣ ପିଲା କୌଣସି ଡୋଜ୍ ନେଇ ନ ଥିବା ବେଳେ ଧନୀଙ୍କ ମଧ୍ୟରେ ଏହା ୨୦ ଜଣରେ ଜଣେ ରହିଛି । ଟିକା ନେଇ ନ ଥିବା ଶିଶୁମାନେ ମୁଖ୍ୟତଃ ଗ୍ରାମାଞ୍ଚଳ କିମ୍ବା ସହରାଞ୍ଚଳର ବସ୍ତିରେ ଥିବା ଗରିବ ଉପେକ୍ଷିତ ଓ ଅପହଞ୍ଚ ସମ୍ପ୍ରଦାୟର । ସ୍ୱଳ୍ପ ଓ ମଧ୍ୟମ ଆୟକାରୀ ଦେଶମାନଙ୍କର ସହରାଞ୍ଚଳର ପ୍ରାୟ ୧୦ ଜଣ ପିଲା ଓ ଗ୍ରାମାଞ୍ଚଳରେ ୬ଜଣରୁ ଜଣେ ପିଲାଙ୍କୁ କିଭଳି ଟିକାକରଣରେ ସାମିଲ କରିବା ହେଉଛି ପ୍ରମୁଖ ଆହ୍ୱାନ ।

## ୟୁନିୟନ ବ୍ୟାଙ୍କର ନୂଆ କ୍ଷେତ୍ର ମୁଖ୍ୟ

ସମ୍ବଲପୁର : ୟୁନିୟନ ବ୍ୟାଙ୍କ ଅଫ ଇଣ୍ଡିଆ, ସମ୍ବଲପୁର କ୍ଷେତ୍ରର ନୂତନ କ୍ଷେତ୍ରୀୟ ମୁଖ୍ୟ ଭାବେ ଧର୍ମେନ୍ଦ୍ର ରାଜୋରିଆ କାର୍ଯ୍ୟଭାର ଗ୍ରହଣ କରିଛନ୍ତି । ଏହା ପୂର୍ବରୁ ସେ ଗାଜିପୁର କ୍ଷେତ୍ରୀୟ କାର୍ଯ୍ୟାଳୟରେ କ୍ଷେତ୍ରୀୟ ମୁଖ୍ୟ ରୂପେ କାର୍ଯ୍ୟ କରୁଥିଲେ । ୨୦୦୬ ମସିହାରେ ବ୍ୟାଙ୍କରେ ପ୍ରୋବେସନାରୀ ଅଧିକାରୀ ରୂପେ ଯୋଗ ଦେଇଥିବା ଶ୍ରୀ ରାଜୋରିଆଙ୍କର ମଧ୍ୟପ୍ରଦେଶ, ଉତ୍ତର ପ୍ରଦେଶ ଓ ମୁମ୍ବାଇ ଆଦି ବିଭିନ୍ନ ସ୍ଥାନରେ ବିଭିନ୍ନ ପଦପଦବୀରେ କାର୍ଯ୍ୟ କରିବାର ବ୍ୟାପକ ଅଭିଜ୍ଞତା ରହିଛି ।

## ଭାରତ ବିଶ୍ୱର ସର୍ବାଧିକ ଜନବହୁଳ ରାଷ୍ଟ୍ର

ନୂଆଦିଲ୍ଲୀ: ଚୀନ୍‌କୁ ପଛରେ ପକାଇ ଭାରତ ଏବେ ବିଶ୍ୱର ସର୍ବାଧିକ ଜନବହୁଳ ରାଷ୍ଟ୍ରରେ ପରିଣତ ହୋଇଛି । ଭାରତର ଜନସଂଖ୍ୟା ଚୀନ୍ ଜନସଂଖ୍ୟାକୁ ଟପିଯାଇଛି । ଜାତିସଂଘ ଅନୁଯାୟୀ ଭାରତର ଜନସଂଖ୍ୟା ୧୪୨.୮୬ କୋଟି ଥିବାବେଳେ ଚୀନ୍ ଜନସଂଖ୍ୟା ୧୪୨.୫୭ କୋଟି ଚୀନ୍‌ଠାରୁ ଭାରତର ଜନସଂଖ୍ୟା ସେତେ ଅଧିକ ନଥିଲେ ବି ଜନସଂଖ୍ୟାରେ ଭାରତ ଚୀନ୍‌କୁ ଟପିଯାଇଛି । ୧୯୫୦ରେ ଜାତିସଂଘ ଜନସଂଖ୍ୟା ତଥ୍ୟ ସଂଗ୍ରହ କରିବା ପରଠାରୁ ଭାରତ ପ୍ରଥମ ଥର ପାଇଁ ଜାତିସଂଘର ସର୍ବାଧିକ ଜନବହୁଳ ରାଷ୍ଟ୍ର ତାଲିକାରେ ଶୀର୍ଷରେ ରହିଛି । ଅନ୍ୟପକ୍ଷେ ଚୀନ୍‌ରେ ଜନ୍ମହାର ହ୍ରାସ ପାଉଛି ଏବଂ ଆଗକୁ ମଧ୍ୟ ଆହୁରି ହ୍ରାସ ପାଇବ । ଚୀନ୍‌ର ଏକାଧିକ ଅଞ୍ଚଳରେ ଜନ୍ମହାର ବୃଦ୍ଧି



କରିବାପାଇଁ ଯୋଜନା ଘୋଷଣା ହୋଇଛି କିନ୍ତୁ ସବୁ ଯୋଜନା ବିଫଳ ହୋଇଛି ।

ଜାତିସଂଘ ତଥ୍ୟ ଅନୁଯାୟୀ ଭାରତୀୟ ଜନସଂଖ୍ୟାର ୨୫ ପ୍ରତିଶତ ୦-୧୪ ବର୍ଷ ବୟସବର୍ଗରେ ରହିଛନ୍ତି । ୧୦-୧୯ ବର୍ଷ ମଧ୍ୟରେ ୧୮ ପ୍ରତିଶତ ଜନସଂଖ୍ୟା ଅଛନ୍ତି । ୨୬ ପ୍ରତିଶତ ଲୋକଙ୍କ ବୟସ ୧୦-୨୪ ବର୍ଷ ମଧ୍ୟରେ । ଅନ୍ୟପକ୍ଷେ ୧୫-୬୪ ବର୍ଷ ମଧ୍ୟରେ ୬୮ ପ୍ରତିଶତ ଜନସଂଖ୍ୟା ଅଛନ୍ତି ଏବଂ ମାତ୍ର ୭ ପ୍ରତିଶତ ଜନସଂଖ୍ୟାଙ୍କ ବୟସ ୬୫ ବର୍ଷରୁ ଅଧିକ ବିଭିନ୍ନ ସଂସ୍ଥା ଦ୍ୱାରା ହୋଇଥିବା ଆକଳନ ଅନୁଯାୟୀ ଭାରତର ଜନସଂଖ୍ୟା ଆଗାମୀ ୩ ଦଶନ୍ଧି ପର୍ଯ୍ୟନ୍ତ ବଢ଼ିବ । ୧୬୫ କୋଟିରେ ପହଞ୍ଚିବାପରେ ଭାରତର ଜନସଂଖ୍ୟା ହ୍ରାସ ପାଇବ । ୨୦୧୧ ପରଠାରୁ ଭାରତରେ କୌଣସି ଜନଗଣନା ହୋଇ ନ ଥିବାରୁ ଏହାର ଜନସଂଖ୍ୟା ନେଇ ନିକଟରେ କୌଣସି ସରକାରୀ ତଥ୍ୟ ଜାରି ହୋଇନାହିଁ । ୨୦୨୧ ଜନଗଣନା କାର୍ଯ୍ୟକ୍ରମ କରୋନା ମହାମାରୀ ଯୋଗୁଁ ବିଳମ୍ବ ହୋଇଛି । ଏକ ଆକଳନ ଅନୁଯାୟୀ କେରଳ ଏବଂ ପଞ୍ଜାବରେ ବେଶି ବୟସ୍କ ଲୋକ ଅଛନ୍ତି । ଅନ୍ୟପକ୍ଷେ ଉତ୍ତରପ୍ରଦେଶ ଏବଂ ବିହାରରେ ଅଧିକାଂଶ ଯୁବକ ଅଛନ୍ତି । ଦେଶରେ ଅର୍ଦ୍ଧାଧିକ ଜନସଂଖ୍ୟାଙ୍କ ବୟସ ୩୦ରୁ କମ୍ ହୋଇଥିବାରୁ ଭାରତ ଆଗାମୀ ବର୍ଷରେ ବିଶ୍ୱର ଏକ ପ୍ରମୁଖ ଅର୍ଥନୀତିରେ ପରିଣତ ହେବ । ୟୁଏନଏଫପିଏ (ୟୁନାଇଟେଡ୍ ନେସନ୍ସ ପପୁଲେସନ ଫଣ୍ଡ)ରେ ଜଣେ ଭାରତୀୟ ପ୍ରତିନିଧି ଆଣ୍ଡ୍ରିଓ୍ୱଜନର କହିଛନ୍ତି, ଭାରତର ୧.୪ ବିଲିଅନ ଜନସଂଖ୍ୟାକୁ ୧.୪ ବିଲିଅନ ସୁଯୋଗ ହିସାବରେ ବିବେଚନା କରାଯିବା ଭାରତର ୨୫୪ (୧୫-୨୪ ବର୍ଷୀୟ) ନିୟୁତ ଯୁବଗୋଷ୍ଠୀ ନୂଆ ଉଦ୍ଭାବନ, ନୂଆ ଚିନ୍ତାଧାରା ଏବଂ ସ୍ଥାୟୀ ସମାଧାନର ଉତ୍ସ ହେବେ । ଭାରତ ଆହୁରି ଆଗକୁ ଯିବ ଯଦି ଏହାର ମହିଳାମାନଙ୍କୁ ସଠିକ୍ ଶିକ୍ଷା ଓ ଦକ୍ଷତା ନିର୍ମାଣର ସୁଯୋଗ ମିଳିବ ।

## 'ନବୀନ'ର ବିଷୁବ ମିଳନର ରଜତ ଜୟନ୍ତୀ ସମାରୋହ

ବ୍ରହ୍ମପୁର : ନବୀନ ପାଠାଗାର ଓ ସାହିତ୍ୟ ପ୍ରତିଷ୍ଠାନର ସଭାପତି ରବି ରଥଙ୍କ ସଭାପତିତ୍ୱରେ ୨୫ତମ ବିଷୁବ ମିଳନ ଓ ରଜତ ଜୟନ୍ତୀ ସମାରୋହ ଅନୁଷ୍ଠିତ ହୋଇଯାଇଛି । ଏଥିରେ ପୂର୍ବତନ ମୁଖ୍ୟମନ୍ତ୍ରୀ ଡକ୍ଟର ଗିରିଧର ଗମାଙ୍ଗ ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ସ୍ୱାଗତ ସମିତି ଅଧ୍ୟକ୍ଷ ପଣ୍ଡିତ ଜଗନ୍ନାଥ ପଣ୍ଡାଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି ଉତ୍ସବରେ ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟର ପୂର୍ବତନ କୁଳପତି ତଥା ବିଶିଷ୍ଟ ଐତିହାସିକ ଡକ୍ଟର ମନ୍ମଥ ପାଢ଼ୀ ମୁଖ୍ୟବକ୍ତା ଓ ବିଶିଷ୍ଟ ନାଟ୍ୟକାର ଇଂ. ଯାମିନୀକାନ୍ତ ଦାସ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ । ପ୍ରତିଷ୍ଠାନର ସମ୍ପାଦକ ସୁଶାନ୍ତ କର ସମ୍ପାଦକୀୟ ବିବରଣୀ ପାଠ କରିଥିଲେ । ଏହି ଅବସରରେ ବିଶିଷ୍ଟ ଆଧ୍ୟାତ୍ମିକବାଦୀ ବିପ୍ରଚରଣ ପାତ୍ର, ସୁଲେଖିକା କଲ୍ୟାଣୀ ସଂଘମିତ୍ରା ଦେବୀ, ସମାଜସେବୀ ବଂଶୀଧର ନାୟକ, ସଙ୍ଗୀତଜ୍ଞ ପ୍ରଶାନ୍ତ କୁମାର ନାୟକ ଓ ଗବେଷିକା ଡକ୍ଟର ନଳିନୀପ୍ରଭା ଦାସଙ୍କୁ 'ନବୀନ ବିଷୁବ ସମ୍ମାନ-୨୦୨୩'ରେ




ସମ୍ମାନିତ କରାଯାଇଥିଲା । ଏହା ସହିତ ଅତିଥିଙ୍କ ଦ୍ୱାରା ଆଶୁକବି କୃଷ୍ଣଚନ୍ଦ୍ର ତ୍ରିପାଠୀଙ୍କ ରଚିତ ନାଟକ ପୁସ୍ତକ 'ମହାକବି ଉପେନ୍ଦ୍ର ଭଞ୍ଜ' ଓ ପ୍ରଫେସର ତ୍ରମ୍ବଧର ସାହୁଙ୍କ ରଚିତ 'ମାର୍ଗଦର୍ଶିକା' ପୁସ୍ତକ ଉନ୍ମୋଚିତ ହୋଇଥିଲା । ପୂର୍ବରୁ ଅନୁଷ୍ଠିତ ପ୍ରଥମ ଅଧିବେଶନ ରାଜ୍ୟସ୍ତରୀୟ କବିତା ପାଠୋତ୍ସବରେ ପ୍ରତିଷ୍ଠାନର କାର୍ଯ୍ୟକାରୀ ସଭାପତି କୃଷ୍ଣଚନ୍ଦ୍ର ତ୍ରିପାଠୀ ସଭାପତିତ୍ୱ କରିଥିବା ବେଳେ ସମ୍ମାନିତ ଅତିଥି ଭାବେ ଶଶିଭୂଷଣ ରଥ ମହିଳା ସ୍ୱୟଂଶାସିତ ମହାବିଦ୍ୟାଳୟର ଅଧ୍ୟକ୍ଷ ଡ଼. କାହ୍ନୁ ଚରଣ ପାଢ଼ୀ ଯୋଗ ଦେଇଥିଲେ । କବି ଚିନ୍ମୟ ରଞ୍ଜନ ମିଶ୍ର, ସୁପ୍ରଜିତ କୁମାର ସାହୁ ଓ ବନ୍ଦନା ମିଶ୍ର ପ୍ରମୁଖ କବିତା ସଂଯୋଜନା କରିଥିଲେ । ଶତାଧିକ କବି-କବୟିତ୍ରୀ ଏଥିରେ ଅଂଶଗ୍ରହଣ କରିଥିଲେ । ଶେଷରେ ରଞ୍ଜନ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମ ପରିଚାଳନାରେ ରାମକୃଷ୍ଣ ପାତ୍ର, ଇଂ. ମାନସ ରଞ୍ଜନ ତ୍ରିପାଠୀ, ପବିତ୍ର କୁମାର ଚୌଧୁରୀ, ବି. ସତ୍ୟମ ଆଚାରୀ ପ୍ରମୁଖ ସହଯୋଗ କରିଥିଲେ ।


**ଗ୍ରାହକମାନଙ୍କ ପାଇଁ ବିଶେଷ ସୂଚନା**

ସାପ୍ତାହିକ 'ସ୍ୱୀକାର' ନେବା ପାଇଁ ଆଗ୍ରହୀ ଗ୍ରାହକମାନେ ତାଙ୍କର ଦେୟ କାନାରା ବ୍ୟାଙ୍କ ସମ୍ବଲପୁର ଶାଖାର ଏକାଉଣ୍ଟ ନମ୍ବର ୦୧୮୫୨୦୧୦୨୧୫୩୮, ଆଇଏଫସି କୋଡ- ସିଏନଆର୍‌ବି ୦୦୦୦୧୮୫ ରେ ଏନଇଏଫଟି, ଆରଟିଜିଏସ୍ ମାଧ୍ୟମରେ ଜମା କରି ପାରିବେ ।

**Subscription Rate of The Sweekar**

| | | |
|---|---|---|
| Life Member | - | Rs.5000.00 |
| Annual | - | Rs. 500.00 |
| Half-yearly | - | Rs. 250.00 |
| Quarterly | - | Rs. 120.00 |

**Advertisement Tariff of The Sweekar**

| | | |
|---|---|---|
| Full Page | - | Rs. 2,00,000.00 |
| Half Page | - | Rs. 1,00,000.00 |
| Quarter Page | - | Rs. 50,000.00 |

Colour Advertisement - 100% Extra




## ସରୋଜ ସାମଲ ସୂଚନା ଓ ଲୋକସମ୍ପର୍କ ନିର୍ଦ୍ଦେଶକ

ଭୁବନେଶ୍ୱର : ସୂଚନା ଓ ଲୋକସମ୍ପର୍କ ବିଭାଗର ନିର୍ଦ୍ଦେଶକ ଭାବେ ସରୋଜ ସାମଲ ଯୋଗ ଦେଇଛନ୍ତି । ଶ୍ରୀ ସାମଲ ପୂର୍ବରୁ ଝାରସୁଗୁଡ଼ା ଜିଲ୍ଲାପାଳ ଥିଲେ । ଝାରସୁଗୁଡ଼ା ଉପନିର୍ବାଚନ ପରିପ୍ରେକ୍ଷୀରେ ତାଙ୍କର ସେଠାରୁ ବଦଳି ହୋଇଥିଲା । ବର୍ତ୍ତମାନର ସୂଚନା ଓ ଲୋକସମ୍ପର୍କ ନିର୍ଦ୍ଦେଶକ ଇନ୍ଦ୍ରମଣି ତ୍ରିପାଠୀଙ୍କୁ ଅନୁସୂଚିତ ଜାତି ଓ ଜନଜାତି ଉନ୍ନୟନ ବିଭାଗର ଅତିରିକ୍ତ ସଚିବ ଭାବେ ବଦଳି କରାଯାଇଛି । ସେ ଅନୁସୂଚିତ ଜାତି ଓ ଜନଜାତି ଗବେଷଣା ଓ ତାଲିମ ପ୍ରତିଷ୍ଠାନର ନିର୍ଦ୍ଦେଶକ ଭାବେ ଅତିରିକ୍ତ ଦାୟିତ୍ୱ ତୁଲାଇବେ ।



## ଭୁବନେଶ୍ୱର ଭଞ୍ଜ ଭାରତୀର ବିଷୁବ ମିଳନ



ଭୁବନେଶ୍ୱର : ସାରସ୍ୱତ ଅନୁଷ୍ଠାନ ଭୁବନେଶ୍ୱର ଭଞ୍ଜଭାରତୀ ପକ୍ଷରୁ ବିଷୁବମିଳନ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠାନର ସଭାପତି ନୀଳାଦ୍ରି ମୋହନ ଶତପଥୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ଉତ୍ସବରେ ନ୍ୟାୟମୂର୍ତ୍ତି ପ୍ରମଥ ପଟ୍ଟନାୟକ, ରାଜ୍ୟ ସୂଚନା ଆୟୁକ୍ତ କବି ବାଳକୃଷ୍ଣ ମହାପାତ୍ର, ପ୍ରାକ୍ତନ ପ୍ରଶାସକ ତଥା କବି ରବିନାରାୟଣ ସେନାପତି, ପୂର୍ବତନ ମୁଖ୍ୟ ଆୟକର ଆୟୁକ୍ତ କବି ଶରତ କୁମାର ଦାଶ, ନନ୍ଦିଘୋଷ ଟିଭିର ସମ୍ପାଦକ କବି ଶିଶିର ଭଞ୍ଜ ମିଶ୍ର, ବରିଷ୍ଠ ପ୍ରଶାସକ ବିଷ୍ଣୁ ପ୍ରସାଦ ମିଶ୍ର, ରେଳ ପ୍ରଶାସକ ଦିଲ୍ଲୀପ ସାମନ୍ତରାୟ, ସମାଜସେବୀ ନାରାୟଣ ମହାପାତ୍ର, ଉଦ୍ୟୋଗପତି ତଥା କଣ୍ଠଶିଳ୍ପୀ ଶିବ ପଟ୍ଟନାୟକ, କବୟିତ୍ରୀ ସଞ୍ଚିତା ଦାସ, ନିଖୋଳୋତ୍କଳ ପାଲାଗାୟକ ସଂଘର ଉପସଭାପତି ବିନାୟକ ରଥ ପ୍ରମୁଖ ଅତିଥି ଭାବେ ଯୋଗ ଦେଇ କବିତାପାଠ ସହ ଶୁଭେଚ୍ଛା ଜଣାଇଥିଲେ । ସ୍ୱତନ୍ତ୍ରଭାବେ ଆୟୋଜିତ କବିତା ଓ ଗଳ୍ପ ପାଠୋତ୍ସବରେ ଡକ୍ଟର ବେଣୁଧର ଦାସ, କାବ୍ୟକଳ୍ପିତା ସାହୁ, ପ୍ରସନ୍ନ ବେହେରା, ମେଧିର ଷଡଙ୍ଗୀ, ଶୈଳଜା ମିଶ୍ର ପ୍ରମୁଖ ଅଂଶଗ୍ରହଣ କରିଥିଲେ । ପ୍ରାରମ୍ଭରେ ଦୀପ୍ତିମୟୀ ଦାସ ଶ୍ଳୋକପାଠ କରିଥିବା ବେଳେ ନାଦବ୍ରହ୍ମ ଅନୁଷ୍ଠାନର ମହାପାତ୍ର ମିନତି ଭଞ୍ଜ, ପ୍ରଫେସର ଜଗନ୍ନାଥ କୁଅଁରଙ୍କ ସହ ଶ୍ରିତିକୋନା ଦାସ, ଶିବ ପଟ୍ଟନାୟକ, ଡକ୍ଟର ମୃତ୍ୟୁଞ୍ଜୟ ରଥ, ଅଶୋକ କୁମାର ମିଶ୍ର ପ୍ରମୁଖ ସଙ୍ଗୀତ ପରିବେଷଣ କରିଥିଲେ । ଅନୁଷ୍ଠାନର ସମ୍ପାଦକ ଡାକ୍ତର କୃଷ୍ଣକେଶବ ଷଡଙ୍ଗୀଙ୍କ ଉଦ୍ଦେଶ୍ୟ ଜ୍ଞାପନ ପରେ ପ୍ରଦୀପ ପ୍ରଜ୍ୱଳନ ସହ ବୈଶାଖି ମାସର ପରମ୍ପରା ଅନୁଯାୟୀ ତୁଳସୀ ବୃକ୍ଷରେ ଜଳ ଦାନ କରାଯାଇଥିଲା । ସେହିପରି ତ୍ରୀଶା ଦାଶ ଓ ଅଭ୍ୟର୍ଥନା ସାମନ୍ତଙ୍କ ଓଡିଶୀନୃତ୍ୟ ସହ ବିଶିଷ୍ଟ ନୃତ୍ୟଗୁରୁ ପ୍ରଜ୍ଞା ସାହୁଙ୍କ ପ୍ରଜ୍ଞା ନୃତ୍ୟାୟନର କଳାକାରମାନେ ସମ୍ବଲପୁରୀ ଲୋକନୃତ୍ୟ ଏବଂ ଓଡିଶୀ ବୃନ୍ଦ ନୃତ୍ୟ ପରିବେଷଣ କରିଥିଲେ । କୁମାର ଦୀପଜ୍ୟୋତି ସାହୁ ଏକକ ବ୍ୟଙ୍ଗ ଅଭିନୟ ମାଧ୍ୟମରେ ମନୋରଞ୍ଜନ କରିଥିବା ବେଳେ ସମଗ୍ର କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ ଡକ୍ଟର ମୃତ୍ୟୁଞ୍ଜୟ ରଥ । ଭଞ୍ଜ ଭାରତୀର ସଦସ୍ୟ ନନ୍ଦକିଶୋର ଜେନା, ବିମଳ ପଟ୍ଟନାୟକ, ସୁରେଶ୍ୱର ପାଣିଗ୍ରାହୀ, ପବିତ୍ର ମୋହନ ସାହୁ, ନୃତ୍ୟାଙ୍ଗନା ଇତିଶ୍ରୀ ମହାନ୍ତି, ବିନୀତା ସିଂ, ଦିଲୀପ ଦାସ ପ୍ରମୁଖ ଅତିଥିମାନଙ୍କୁ ସ୍ୱାଗତ ଜଣାଇଥିବା ବେଳେ ଅନୁଷ୍ଠାନର ଉପ ସଭାପତି ମିଳନ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ଏଥିରେ ଉପସ୍ଥିତ ଦର୍ଶକମାନେ ବେଲପଣା ସହ ଓଡ଼ିଆଘରର ପାରମ୍ପରିକ ପିଠା-ମିଠାର ମଜା ନେଇଥିଲେ ।






## ଆଇଆଇଏମ୍‌ରେ ଜି-୨୦ ଜନ ଭାଗୀଦାରି ସମାରୋହ

ବୁର୍ଲା : ଆଇଆଇଏମ୍ ନିର୍ଦ୍ଦେଶକ ପ୍ରଫେସର ମହାଦେବ ଜୟସ୍ୱାଲଙ୍କ ଅଧ୍ୟକ୍ଷତାରେ ଜି-୨୦ ଜନ ଭାଗୀଦାରିର ସମାରୋହ ଅନୁଷ୍ଠିତ ହୋଇଥିଲା । ଏହି ସମାରୋହରେ ସମ୍ବଲପୁର ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ବିଧୁ ଭୂଷଣ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶିକ୍ଷାରେ ଟେକ୍ନୋଲୋଜିର ବ୍ୟାପକ ବ୍ୟବହାର ଉପରେ ଗୁରୁତ୍ୱାରୋପ କରିଥିଲେ । ଭାରତ ଜି-୨୦ ଅଧ୍ୟକ୍ଷ ଦାୟିତ୍ୱ ବହନ କଲାପରେ ଭାରତୀୟ ଗଣତନ୍ତ୍ରର ଗରିମା ବିଶ୍ୱରେ ସୁପ୍ରତିଷ୍ଠିତ ହେବା ମାନବଜାତି ସମ୍ମୁଖୀନ ହେଉଥିବା ଜଳବାୟୁ ପରିବର୍ତ୍ତନ, ଆତଙ୍କବାଦ ଓ ମହାମାରୀ ଆଦି ସମସ୍ୟାର ସମାଧାନ ଆଗାମୀ ଦିନରେ ଭାରତର ନେତୃତ୍ୱରେ ସମ୍ମିଳିତ ଭାବରେ ହେବ । ଏହାର ପୃଷ୍ଠଭୂମି ଉଚ୍ଚଶିକ୍ଷିତ ଓ ଦକ୍ଷତା ସମ୍ପନ୍ନ ଯୁବପିଢ଼ି ରହିବେ ବୋଲି ନିର୍ଦ୍ଦେଶକ ପ୍ରଫେସର ଜୟସ୍ୱାଲ ମତବ୍ୟକ୍ତ କରିଥିଲେ । ସେ ଆହୁରି ମଧ କହିଥିଲେ ଯେ ଆଗାମୀ ଦିନରେ କାର୍ଯ୍ୟର ଢାଞ୍ଚା ଖୁବ୍ ଗୁରୁତ୍ୱପୂର୍ଣ୍ଣ ତେଣୁକରି ଶିକ୍ଷାନୁଷ୍ଠାନ ଗୁଡ଼ିକ ପ୍ରସ୍ତୁତ ରହିବାକୁ ସେ ପରାମର୍ଶ ଦେଇଥିଲେ । ଏହି ଅବସରରେ ସମ୍ବଲପୁର ମହିଳା ମହାବିଦ୍ୟାଳୟ, ଏନ୍ଏସ୍‌ସିବି ମହାବିଦ୍ୟାଳୟ, ପ୍ରଥମ ଏବଂ ଦ୍ୱିତୀୟ କେନ୍ଦ୍ରୀୟ ବିଦ୍ୟାଳୟ, ଜବାହର ନବୋଦୟ ବିଦ୍ୟାଳୟ ଜନ ଶିକ୍ଷା ସଂସ୍ଥାର ଅଧ୍ୟକ୍ଷମାନଙ୍କୁ ସେମାନଙ୍କ ସହଯୋଗ ପାଇଁ ସମ୍ବର୍ଦ୍ଧିତ କରାଯିବା ସହିତ ପୁରସ୍କୃତ କରା ଯାଇଥିଲା । ଆଇଆଇଏମ୍ ସମ୍ବଲପୁରର ପ୍ରଫେସର ଅରୁଣ ମିଶ୍ର, ପ୍ରଫେସର ରାମକୃଷ୍ଣ ପାଢ଼ୀ ଏବଂ ଅମୃତ ମହାନ୍ତିଙ୍କ ଦ୍ୱାରା ସମ୍ବଲପୁର, ଦେବଗଡ଼ ଓ ଅନୁଗୁଳ ଜିଲ୍ଲାର ବିଭିନ୍ନ ମହାବିଦ୍ୟାଳୟ ଓ ବିଦ୍ୟାଳୟମାନଙ୍କରେ ଜି-୨୦ ସମ୍ପର୍କିତ ବିଷୟରେ ସେମିନାର ତଥା ଅନେକ ପ୍ରତିଯୋଗିତା ଆୟୋଜନ କରାଯାଇ ଛାତ୍ରଛାତ୍ରୀମାନଙ୍କ ମଧ୍ୟରେ ଉତ୍ସାହ ଓ ପ୍ରେରଣା ସୃଷ୍ଟି କରା ଯାଇଥିଲା ।



Printed, Published and Owned by Hemanta Kumar Mahapatra, Printed at Impressions Press, Sambalpur, Office Phone: 0663- 2950945
e-mail: hemantamahapatra@yahoo.com Editor : Hemanta Kumar Mahapatra